## ଆଜି କ'ଣ କେଉଁଠି

ଭଦ୍ରକ
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ସାଳନ୍ଦୀ ସଭାଗୃହ, ସମୟ: ଅପରାହ୍ନ ୩ ଟା।

## ଦୁର୍ଘଟଣାରେ ନାବାଳକଙ୍କ ଜୀବନ ଗଲା

**ବାସୁଦେବପୁର, ୨୯।୫(ଡି.ଏନ୍.ଏ.):** ଭଦ୍ରକ ଜିଲା ଧାମରା-ବାସୁଦେବପୁର ରାସ୍ତାର କଇଥଖୋଲା ନିକଟ ସିଙ୍ଗାପୁର ଛକଠାରେ ବୁଧବାର ମଧ୍ୟାହ୍ନରେ ଏକ ବାଇକ୍ ଧକ୍କାରେ ଅଶୋକ କୁମାର କର ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ଅଶୋକ ହେଲେ କନକପ୍ରସାଦ ଗ୍ରାମର ଝାଡ଼େଶ୍ୱର କରଙ୍କ ପୁତ୍ର। ସେ ସାଇକେଲରେ ଘରକୁ ଯାଉଥିବା ବେଳେ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ବାସୁଦେବ ପୁର ଡାକ୍ତରଖାନାରେ ରଖାଯାଇଛି।

## ଫେରାର ଅଭିଯୁକ୍ତ ଗିରଫ

**ପଦ୍ମପୁର, ୨୯।୫ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ଅଧୀନ ଛତରପଦା ଗ୍ରାମର ଫେରାର ଅଭିଯୁକ୍ତ ପରମେଶ୍ୱର ମଳିକଙ୍କୁ ନାୟକାଣିଡିହୀ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଘରୁ ଗିରଫ କରିଛି। ଅଭିଯୁକ୍ତ ପରମେଶ୍ୱରଙ୍କ ନାଁରେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଥାନାରେ ମାମଲା(ନଂ.୭୪/୧୫) ରୁଜୁ ହୋଇଥିଲା। ସେ ଗ୍ରାମକୁ ଆସିଥିବାର କୌଣସି ସୂତ୍ରରୁ ଖବର ପାଇ ପୋଲିସ ତାଙ୍କୁ ଗିରଫ କରିବା ସହ ବୁଧବାର କୋର୍ଟ ଚାଲାଣ କରିଛି।

## ଯୌତୁକ ନିର୍ଯାତନା ଅଭିଯୋଗ
## ସ୍ୱାମୀ, ଶାଶୁ ନାଁରେ ମାମଲା

**ଭଦ୍ରକ ଅଫିସ, ୨୯।୫:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାମରାଇପୁର ଗ୍ରାମର ଶାନ୍ତିଲତା ଦାସ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଛନ୍ତି। ଅଧିକ ଯୌତୁକ ପାଇଁ ସ୍ୱାମୀ ଜଗନ୍ନାଥ ଦାସ ଓ ଶାଶୁ ଭାରତୀ ଦାସ ତାଙ୍କୁ ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏହି ୨ ଜଣଙ୍କ ନାଁରେ ଏକ ମାମଲା (ନଂ.୨୭୮/୧୯) ରୁଜୁ କରି ତଦନ୍ତ କରୁଛି।

## ବୋଲେରୋ ଧକ୍କାରେ ବୃଦ୍ଧ ମୃତ, ରାସ୍ତାରୋକୋ

**ଆର.ଉଦୟଗିରି, ୨୯।୫(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି ଥାନା ଶାନ୍ତିନଗର ପାଣସାହି ନିକଟରେ ବୁଧବାର ପୂର୍ବାହ୍ନରେ ଏକ ବୋଲେରୋ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆପଲ୍ଲୀ ଗ୍ରାମର ମାଣିକ ଦଳ ବେହେରା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ପରିମଳ-ଆର.ଉଦୟଗିରି ରାସ୍ତା ମଧ୍ୟାହ୍ନ ପ୍ରାୟ ୧୨ଟାରୁ ୫ଟା ଯାଏ ଅବରୋଧ କରିଥିଲେ। ପ୍ରକାଶ ଯେ, ମାଣିକ ପରିମଳ ଛକରୁ ନିଜ ଗ୍ରାମକୁ ଚାଲି ଚାଲି ଆସୁଥିବା ବେଳେ କେନ୍ଦୁଗୁଡା ଅଞ୍ଚଳରୁ ଏକ ବୋଲେରୋ (ନଂ.ଓଆର୦୭ଭି-୩୧୨୩) ପରିମଳ ହାଟପଦାରେ ପାର୍କିଂ ପାଇଁ ଯାଉଥିଲା। ଶାନ୍ତିନଗର ପାଣସାହି ନିକଟରେ ବୋଲେରୋଟି ମାଣିକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ମୃତଦେହ ରଖି ପରିମଳ-ଆର.ଉଦୟଗିରି ରାସ୍ତା ଅବରୋଧ କରିଥିଲେ। ଥାନାଧିକାରୀ କୁଳମଣି ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତି ଗମାଙ୍ଗଙ୍କୁ ଡାକି ଗ୍ରାମବାସୀଙ୍କୁ ସ୍ଥାନୀୟ ପୋଲିସ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ କରିବା ସହ ଆର.ଉଦୟଗିରି ଥାନାରେ ନଂ.୫୬/୧୯ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ମେଡିକାଲକୁ ପଠାଯାଇଛି। ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ହାଇୱା ଧକ୍କାରେ ଅଙ୍ଗନୱାଡି ଛାତ୍ରୀ ମୃତ

**ବନ୍ତ, ୨୯।୫(ଡି.ଏନ୍.ଏ./ସ୍ୱ.ପ୍ର.)**

- ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା
- ଗାଡ଼ି ସହ ଚାଳକ ଅଟକ

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଆଗରପଡ଼ା-କୁପାରୀ ରାସ୍ତାର କାଣ୍ଡବା ପୋଲ ନିକଟସ୍ଥ ପେଟ୍ରୋଲ ପମ୍ପ ସମ୍ମୁଖରେ ବୁଧବାର ଏକ ହାଇୱା ଧକ୍କାରେ ଜଣେ ଅଙ୍ଗନୱାଡି ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ କାଣ୍ଡବା ଆଦିବାସୀ ସାହିର ଛୋଟରାୟ ଟୁଡୁଙ୍କ ଝିଅ ଡୁଲି(୪)। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ଉକ୍ତ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନଗୁଡ଼ିକ ଅଟକି ରହିଥିଲା। ଘଟଣାସ୍ଥଳରେ ବନ୍ତ ତହସିଲଦାର ମନୋରମା ଜାଲି, ଆଗରପଡ଼ା ଥାନା ଆଇଆଇସି ରମେଶ ସିଂ, ସିଡିପିଓ ରେଣୁବାଳା ଦାସ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ସହ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ରାସ୍ତା ଅବରୋଧ ହଟିଥିଲା।

**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**



ଆଗରପଡା-କୁପାରୀ ରାସ୍ତାରେ ମୃତଦେହ ରଖି ଅବରୋଧ କରାଯାଇଛି।

ସୂଚନା ଅନୁସାରେ, ସକାଳ ପ୍ରାୟ ସାଢ଼େ ୬ଟା ବେଳେ ଡୁଲି ପଢ଼ିବାକୁ କାଣ୍ଡବା ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିଲେ। କୁପାରୀ ପାର୍ଶ୍ୱରୁ ଟିପ୍ପ ବୋଝେଇ ହାଇୱା ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଆଗରପଡ଼ା ଥାନାରେ ଏକ ମାମଲା(ନଂ.୬୭/୧୯) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ହାଇୱା ଓ ଚାଳକଙ୍କୁ ପୋଲିସ ଅଟକ ରଖିଛି। ଏ ସମ୍ପର୍କରେ ତହସିଲଦାର ମନୋରମା ଜାଲିଙ୍କ ସହ ଯୋଗାଯୋଗ କରିବାରୁ ମୃତା ଛାତ୍ରୀଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ବୋଲି କହିଛନ୍ତି। ସେହିପରି ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ସିଡିପିଓ ରେଣୁବାଳା ଦାସ ପ୍ରକାଶ କରିଛନ୍ତି।

### ଲୁଟେରାଙ୍କ ଟାର୍ଗେଟରେ ଭଣ୍ଡାରିପୋଖରୀ
# ଡିକିରୁ ନେଇଗଲେ ଦେଢ଼ଲକ୍ଷ

**ଭଣ୍ଡାରିପୋଖରୀ, ୨୯।୫ (ଡି.ଏନ.ଏ.)**

ଲୁଟେରାଙ୍କ ଟାର୍ଗେଟ୍‌ରେ ଏବେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳ। ୧୦ ଦିନ ତଳେ ଏହି ଥାନା ଅଧୀନ ଭଣ୍ଡାରିପୋଖରୀ-ମଣିନାଥପୁର ରାସ୍ତାର ପୁରୁଷୋତ୍ତମପୁର ନିକଟରେ ବାଇକ୍‌ରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟେରାମାନେ ଝାମ୍ପି ନେଇଥିଲେ। ଗତ ସୋମବାର ଅପରାହ୍ନରେ ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରୁ ଲୁଟେରାମାନେ ଏକ ବାଇକ୍ ଡିକିରୁ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଭଣ୍ଡାରିପୋଖରୀ ଥାନା ପୋଲିସ ଏକ ମାମଲା(ନଂ. ୮୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଉକ୍ତ ସମବାୟ ବ୍ୟାଙ୍କ ସମ୍ମୁଖରେ ଥିବା ସିସି କ୍ୟାମେରାକୁ ଯାଞ୍ଚ କରିଥିଲେ ମଧ୍ୟ ଏଯାଏ ଲୁଟେରାଙ୍କୁ ଧରିପାରି ନାହିଁ।

ପୋଲିସ ସୂଚନା ଅନୁସାରେ, ସରସଦା ପଞ୍ଚାୟତ ଭାଟଣା ଗ୍ରାମର ଶଶିଶେଖର ଜେନା ସ୍ଥାନୀୟ ୟୁକୋ ବ୍ୟାଙ୍କରୁ ଟଙ୍କା ଉଠାଇ ତାଙ୍କ ବାଇକ୍ ଡିକିରେ ରଖିଥିଲେ। ପରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଗାଡ଼ି ରଖିଥିଲେ। ଏକ ଫୋନ କଲ୍ ଆସିବାରୁ ସେ ଗାଡ଼ି ରଖି କଥା ହେବା ସହ ଅନ୍ୟମନସ୍କ ଥିଲେ। ଏହାର ସୁଯୋଗରେ ୨ ଲୁଟେରା ବାଇକ୍ ଡିକି ଖୋଲି ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏହା ଦେଖି ଶଶିଶେଖର ଲୁଟେରାଙ୍କ ପିଛା କରି ୧୬ ନମ୍ବର ଜାତୀୟ ରାଜପଥର ଛତାବର ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ ସେମାନଙ୍କୁ ଧରିପାରି ନ ଥିଲେ। ଏ ସମ୍ପର୍କରେ ସେ ସ୍ଥାନୀୟ ପୋଲିସକୁ ଜଣାଇବା ପରେ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଥିଲା।

# ଭଦ୍ରକକୁ ଅଣଦେଖା, ମିଳିଲାନି ମନ୍ତ୍ରୀପଦ

**ଭଦ୍ରକ ଅଫିସ, ୨୯।୫**

ଭଦ୍ରକକୁ ଅଣଦେଖା। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଭଦ୍ରକରୁ ନିର୍ବାଚିତ ଜଣେ ମଧ୍ୟ ବିଧାୟକଙ୍କୁ ମନ୍ତ୍ରୀ ପଦ ମିଳିଲାନି। ବିଜେଡିର ନିର୍ବାଚିତ ୪ ବିଧାୟକଙ୍କ ମଧ୍ୟରୁ ୨ ନବାଗତ ଓ ୨ ପୁରୁଣା। ଏହି ବିଧାୟକମାନଙ୍କ ମଧ୍ୟରୁ କାହାକୁ ମନ୍ତ୍ରୀପଦ ନ ମିଳିବା ଜିଲାବାସୀଙ୍କୁ ଚକିତ କରିଥିବା ବେଳେ ବିଜେଡି କର୍ମୀମାନଙ୍କୁ ନିରୁତ୍ସାହିତ କରିଛି।

ପୂର୍ବ ୪ ପାଳିର ମନ୍ତ୍ରିମଣ୍ଡଳରେ ଭଦ୍ରକ ଜିଲାର ପ୍ରତିନିଧିତ୍ୱ ରହୁଥିଲା। ଏପରିକି ଏକାଧିକ ଥର ଭଦ୍ରକ ଜିଲାର ୨ ଜଣଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଥିଲା। ୪ର୍ଥ ପାଳିରେ ବି ୨ ଜଣଙ୍କ ପ୍ରତିନିଧିତ୍ୱ ରହିଥିଲା। ବାସୁଦେବପୁରର ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟ ଓ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଗତ ପାଳିରେ ମନ୍ତ୍ରୀ ରହିଥିଲେ। କିନ୍ତୁ ଏଥରକ ଜଣେ ହେଲେ କେହି ସ୍ଥାନ ନ ପାଇବା ସ୍ୱାଭାବିକ ଭାବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। କାହିଁକି କାହାରିକୁ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ମିଳିଲାନି ସେଥିନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି। କେହି କେହି ଭଦ୍ରକ ଜିଲାରେ ନିର୍ବାଚନ ଫଳାଫଳକୁ ନେଇ ସୁପ୍ରିମୋ ବିଶେଷ ଖୁସି ନ ଥିବା କହୁଛନ୍ତି। ବିଜେଡିରେ ଦଳୀୟ କନ୍ଦଳ ଅନ୍ୟ ଏକ କାରଣ ବୋଲି ମଧ୍ୟ କୁହାଯାଉଛି। ଉଲ୍ଲେଖନୀୟ ଯେ, ୨୦୦୯ ଓ ୨୦୧୪ ନିର୍ବାଚନରେ ଭଦ୍ରକ ଜିଲାର ୫ ରୁ ୫ ବିଧାନସଭା ଆସନ ବିଜେଡି ହାତରେ ଥିଲା। କିନ୍ତୁ ଚଳିତଥର ଧାମନଗର ନିର୍ବାଚନ ମଣ୍ଡଳୀ ଭାଜପା ହାତକୁ ଯାଇଥିବାରୁ ଦଳୀୟ ସୁପ୍ରିମୋ ଖପା ହୋଇଥିବା ବହୁ ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ଭଦ୍ରକ ବିଧାନସଭା ଆସନକୁ ବାଦ୍ ଦେଲେ ଅନ୍ୟ ଆସନରେ ବିଜେଡି ଓ ଭାଜପା ମଧ୍ୟରେ ଭୋଟ ବ୍ୟବଧାନ ଅଳ୍ପ ରହିଛି। ଏହା ମନ୍ତ୍ରିମଣ୍ଡଳରେ ଭଦ୍ରକର ଜଣେ ମଧ୍ୟ ସ୍ଥାନ ନ ପାଇବାର କାରଣ ବୋଲି ଆଲୋଚନା ହେଉଛି।

## ଜିଲା କୋଷାଗାରର ନୂତନ ଗୃହ ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୨୯।୫**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଲାଗିରହିଥିବା ଟ୍ରେଜେରୀ ଅଫିସ ନିକଟରେ ନିର୍ମିତ ଅଫିସର ନୂତନ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ୧ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଗୃହ ନିର୍ମିତ ହୋଇଛି। ଉଦ୍‌ଘାଟନ କରିବା ପରେ ଜିଲାପାଳ କୋଷାଗାରର ସମସ୍ତ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇ ବହୁଦିନ ଧରି କର୍ମଚାରୀମାନେ ସ୍ୱଳ୍ପ କୋଠରୀ ବିଶିଷ୍ଟ କାର୍ଯ୍ୟାଳୟରେ ବସି କାର୍ଯ୍ୟ କରିଆସିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା କୋଷାଗାର ଅଧିକାରୀ ଅମିତାଭ ଆନନ୍ଦ ସ୍ୱାଇଁ, ଜିଲା ସୂଚନା ଅଧିକାରୀ ଗୋଲଖ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।






ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଙ୍ଗନୱାଡି କର୍ମଚାରୀ ଓ ଅନ୍ୟମାନେ।

### ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ
# ୫୦ରୁ ଊର୍ଦ୍ଧ୍ୱ ମହିଳା, କିଶୋରୀ ସାମିଲ

**ଭଦ୍ରକ ଅଫିସ, ୨୯।୫**

ଭଦ୍ରକ ଜିଲା ଧାମରା ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଦୋସିଙ୍ଗା ପଞ୍ଚାୟତ ସାବିତ୍ରୀସରାଇ ଅଙ୍ଗନୱାଡି କେନ୍ଦ୍ରରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ୟୁନିଟ୍ ସିଏସ୍‌ଆର୍ ମୁଖ୍ୟ ସତ୍ୟରଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେଶନ ଦ୍ୱାରା ଦୋସିଙ୍ଗା ପଞ୍ଚାୟତରେ ପରିଚାଳିତ ସୁପୋଷଣ ଅଭିଯାନ ଅନ୍ତର୍ଗତ ୫ ସଙ୍ଗିନୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା, କିଶୋରୀ ଏବଂ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର କର୍ମୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଋତୁସ୍ରାବ ସମୟରେ ଉନ୍ନତ ସ୍ୱଚ୍ଛତା ବଜାୟ ରଖିବା, ସଂକ୍ରମଣକୁ ରୋକିବା ଏବଂ ଏ ସମ୍ପର୍କିତ ଭ୍ରାନ୍ତ ଧାରଣା ବିଷୟରେ ମହିଳା, କିଶୋରୀମାନଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ମହିଳାମାନଙ୍କ ମଧ୍ୟରେ ଋତୁସ୍ରାବ ସମ୍ବନ୍ଧରେ ଥିବା ଜିଜ୍ଞାସାକୁ ସମ୍ପୂର୍ଣ୍ଣ କରିବା ଦିଗରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ସମୟରେ ଶରୀରକୁ ନିୟମିତ ପରିଷ୍କାର ରଖିବା ସହ ସ୍ୱଚ୍ଛ ଜଳରେ ଦିନକୁ ଅତି କମ୍‌ରେ ଥରେ ସ୍ନାନ କରିବା ଆବଶ୍ୟକ ବୋଲି କୁହାଯାଇଥିଲା। ଆଦାନୀ ଫାଉଣ୍ଡେଶନର ସିଏସ୍‌ଆର୍ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଫାଉଣ୍ଡେଶନର ଅନ୍ୟ କର୍ପୋରେଟ୍ ସାମାଜିକ ଦାୟିତ୍ୱ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଦିବ୍ୟାଭାରତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ଶିବିର: ୨୧୨ ରୋଗୀ ଚିକିତ୍ସିତ

**ଭଣ୍ଡାରିପୋଖରୀ, ୨୯।୫ (ଡି.ଏନ.ଏ.)**

ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମିଳିତ ସହଯୋଗରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସମୂହ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୧୨ ଜଣ ରୋଗୀଙ୍କୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ସହ ଚିକିତ୍ସା କରାଯାଇଥିଲା। ଶିବିରର ମୂଳ ଲକ୍ଷ୍ୟ ଥିଲା ଅଣସଂକ୍ରମିତ ରୋଗର ଡାଇଗ୍ନୋଷ୍ଟିକ୍ କରିବା ଓ ପ୍ରାଥମିକ ଅବସ୍ଥାରେ ରୋଗର ନିରାକରଣ ପାଇଁ ସଚେତନ କରାଇବା। ଶିବିରରେ ୧୧ ପ୍ରକାର ପରୀକ୍ଷା ଇସିଜି, ଲିପିଡ ପ୍ରୋଫାଇଲ, ଫଣ୍ଡୋସ୍କପି ଆଦି କରାଯାଇଥିଲା। ରୋଗ ଚିହ୍ନଟ ଲାଗି ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ଅଫିସର ଜୟନ୍ତ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ରୋଗ ବିଶେଷଜ୍ଞ ଡା. କମଳାକାନ୍ତ ସ୍ୱାଇଁ, ଡା. ତୁଳିକା ରଥ, ଡା. ସୁଧାଂଶୁ ଶେଖର ବେହେରା ଯୋଗଦେଇ ରୋଗୀମାନଙ୍କୁ ପରାମର୍ଶ ଦେବା ସହ ଔଷଧ ଲେଖିଥିଲେ। ୮ ଜଣ ଟେକ୍ନିସିଆନ କାର୍ଯ୍ୟ ସମ୍ପାଦନ କରିଥିଲେ।



ଶିବିରରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

## ମଦଭାଟି ଉପରେ ଚଢାଉ

**ଆସିକା, ୨୯।୫(ଡି.ଏନ୍.ଏ.)**

ଆସିକା ଥାନା ବାଲିସିରା ଗ୍ରାମ ନିକଟରେ ଚାଲିଥିବା ଏକ ଚୋରା ରନ୍ଧାମଦ ଭାଟି ଉପରେ ବୁଧବାର ସକାଳେ ପୋଲିସ ଚଢାଉ କରିଥିଲା। ଏଥିରେ ପ୍ରାୟ ୨ହଜାର ଲିଟରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ କରାଯାଇଥିବାବେଳେ ୪୦ ଲିଟର ରନ୍ଧାମଦ ଜବତ କରାଯାଇଛି। ମଦ ରନ୍ଧା କାର୍ଯ୍ୟରେ ବ୍ୟବହୃତ ବହୁ ସରଞ୍ଜାମ ଜବତ କରାଯାଇଛି। ତେବେ ପୋଲିସର ଉପସ୍ଥିତି ଦେଖି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୧୭୦ ଓ ୧୭୧/ ୧୯ରେ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

# ଭୁଜାଲି ଦେଖାଇ ବାଇକ୍ ଆରୋହୀଙ୍କଠାରୁ ଲୁଟ୍

**ଛତ୍ରପୁର, ୨୯।୫(ଡି.ଏନ.ଏ.)**

ଚମାଖଣ୍ଡି ଥାନା ମାୟାପାଟଣା ନିକଟରେ ବୁଧବାର ଦିନ ଦ୍ୱିପହରରେ ଭୁଜାଲି ଦେଖାଇ ଜଣେ ବାଇକ ଆରୋହୀଙ୍କଠାରୁ ଲୁଟ୍ ହୋଇଛି। ଲୁଟର ଶିକାର ହୋଇଛନ୍ତି ଶିବପ୍ରସାଦ ସ୍ୱାଇଁ। ସେ ଗଞ୍ଜାମ ବ୍ଲକ ହୁମ୍ମାରୁ ବ୍ରହ୍ମପୁରକୁ ଅଭିମୁଖେ ଯାଉଥିବା ବେଳେ ଅପରାହ୍ନ ପ୍ରାୟ ୨ଟାରେ ମାୟାପାଟଣା ନିକଟ ଜାତୀୟ ରାଜପଥରେ ୩ ଦୁର୍ବୃତ୍ତ ବାଇକରେ ଆସି ଅଟକାଇ ଥିଲେ। ସେମାନେ ଭୁଜାଲି ଦେଖାଇବାରୁ ଶିବ ଭୟଭୀତ ହୋଇପଡିଥିଲେ । ପରେ ଦୁର୍ବୃତ୍ତମାନେ ଶିବଙ୍କ ସୁନା ଚେନ୍, ମୁଦି, ମୋବାଇଲ ଫୋନ୍ ଓ ମନିପର୍ସ ଛଡାଇ ନେଇଯାଇଥିଲେ। ମନିପର୍ସରେ ୧୦ ହଜାର ଟଙ୍କା ସହ ବ୍ୟାଙ୍କ ଏଟିଏମ କାର୍ଡ ଓ ବିଭିନ୍ନ କାଗଜପତ୍ର ରହିଥିଲା। ଦୁର୍ବୃତ୍ତମାନେ ଶିବଙ୍କ ବାଇକ୍ ଚାବିକୁ ମଧ୍ୟ ଛଡ଼ାଇ ନେଇ ବ୍ରହ୍ମପୁର ଅଭିମୁଖେ ଫେରାର ହୋଇଯାଇଥିଲେ। ଏ ନେଇ ଶିବ ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୫/୧୯) ରୁଜୁ କରିଛି। ଥାନା ଅଧିକାରୀ ସହଦେବ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ରାସ୍ତା ନିକଟରେ ଥିବା ଦୋକାନର ସିସି ଟିଭି ଯାଞ୍ଚ କରାଯାଇଛି। ହେଲେ ଲୁଟେରାଙ୍କ ସମ୍ପର୍କରେ ପୋଲିସ ଟେର୍ ପାଇ ପାରି ନଥିବା ଜଣାପଡିଛି ।

## ଫଟୋରେ ଖବର




ବନ୍ତ ଛକସ୍ଥିତ ବସ୍‌ଷ୍ଟାଣ୍ଡ ନିକଟରେ ଭାଙ୍ଗି ଯାଇଥିବା ଟ୍ରାଫିକପୋଷ୍ଟ।

# ସାହିତ୍ୟର ପ୍ରସାର 'ଗ୍ରାମାଲୋକ'ର ଲକ୍ଷ୍ୟ

**ବନ୍ତ, ୨୯।୫ (ସ୍ୱ.ପ୍ର.)**

ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ସାହିତ୍ୟକୁ ପରିଚୟ କରାଇବା ଓ ଏହାର ପ୍ରସାର କରିବା 'ଗ୍ରାମାଲୋକ' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ବୁଧବାର ବନ୍ତ ବ୍ଲକ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଗ୍ରାମାଲୋକ କାର୍ଯ୍ୟକ୍ରମରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଥିଲେ।

ନୂଆଦିଲ୍ଲୀ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଆଗରପଡ଼ା ଚିନ୍ତା ଚେତନା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉପଦେଷ୍ଟା ମଣ୍ଡଳୀ, ସାହିତ୍ୟ ଏକାଡେମୀ ସଦସ୍ୟ ବିମଳ ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡ. ରାମଚନ୍ଦ୍ର ନାୟକ, ଇଂ. ମଧୁସୂଦନ ସାହୁ, ସାହିତ୍ୟ ସଂସଦ ସଭାପତି ବାଞ୍ଛାନିଧି ରାଉଳ, ସାହିତ୍ୟିକ ଗଣେଶ ପ୍ରସାଦ କରଶର୍ମା, ଶିକ୍ଷାବିତ୍ ଉମେଶ ନାୟକ, ଗୋବିନ୍ଦ ଚନ୍ଦ୍ର ବାରିକ ଓ ଉମେଶ ମହାନ୍ତି ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଭାସ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ କୃଷ୍ଣଚନ୍ଦ୍ର ଜେନା ପ୍ରାକ୍ ସୂଚନା ପ୍ରଦାନ ଏବଂ ହରିହର ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ସ୍ଥିରୀକୃତ କବି କୁଞ୍ଜବିହାରୀ ବିଶ୍ୱାଳ, ପ୍ରଣୟ କୁମାର ସିଂହ, ଅନ୍ତର୍ଯ୍ୟାମୀ ରାଉତଙ୍କ ସମେତ ଶତାଧିକ କବି ଦାଶରଥି ଜେନାଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠ କରିଥିଲେ। ଅଶୋକ କୁମାର ଦେଓ, ଭାସ୍କର ଚନ୍ଦ୍ର ପାଢ଼ୀ, ରମାକାନ୍ତ ଜେନା,ରବୀନ୍ଦ୍ର ଜେନା, ପରମାନନ୍ଦ ପଣ୍ଡା, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ। ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

▶ନବମ ଜଉକଣ୍ଢେଇ ବାହାଘର-୨୦୧୯। ସ୍ଥାନ - ଶ୍ୟାମସୁନ୍ଦର ମନ୍ଦିର ପରିସର (ଦାମୋଦରପୁର) ସମୟ - ରାତ୍ର ୮ଟା

▶ଜିଲାପାଳଙ୍କ ସଦର ବ୍ଲକ ଆଇସିଡ଼ିଏସ୍ ପରିଦର୍ଶନ। ସ୍ଥାନ- କଚେରି ପରିସର ସମୟ- ପୂର୍ବାହ୍ଣ ୯ଟା

▶ସିଆଇଟିୟୁ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ। ସ୍ଥାନ- ବାଲେଶ୍ୱର ରେଳ ଷ୍ଟେଶନ। ସମୟ- ପୂର୍ବାହ୍ଣ ୯ଟା ୩୦

## ସଂକ୍ଷେପରେ

### ପରୀକ୍ଷାଫଳ ପ୍ରକାଶରେ ବିଳମ୍ବ

**ସୋର,୨୯।୫(ଡି.ଏନ.ଏ.):** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ ଦେଖାଦେଇଛି। ଏବେ ମେ ମାସ ସରିବାକୁ ବସିଲାଣି। ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବାବେଳେ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିଲାଗି ନାମଲେଖା ପ୍ରକ୍ରିୟା ବିଳମ୍ବିତ ହେବା ଆଶଙ୍କା କରାଯାଉଛି। ଉଲ୍ଲେଖନୀୟ ଯେ, ଯୁକ୍ତ୨ ପରୀକ୍ଷା ଖାତାର ମୂଲ୍ୟାୟନ ପ୍ରଥମ ପର୍ଯ୍ୟାୟରେ ଗତ ଏପ୍ରିଲ ୮ ତାରିଖ ଏବଂ ୨ୟ ପର୍ଯ୍ୟାୟ ଚଳିତ ମାସ ୧ ତାରିଖରେ ଆରମ୍ଭ ହୋଇ ଶେଷ ହୋଇଛି। ବାଲେଶ୍ୱର ଫକୀରମୋହନ କଲେଜ ଅଧୀନରେ ଶେରଗଡ଼ସ୍ଥିତ ବିସିଇଟି ଇଞ୍ଜିନିୟରିଂ କଲେଜ କେନ୍ଦ୍ରରେ ପରୀକ୍ଷା ଖାତା ମୂଲ୍ୟାଙ୍କନ କରାଯାଇଥିଲା। ଏହି ମୂଲ୍ୟାଙ୍କନ କରିଥିବା ଅଧାପିକା, ଅଧାପକଙ୍କୁ ଏ ଯାଏ ପାରିଶ୍ରମିକ ମିଳି ନ ଥିବା ଅଭିଯୋଗ ହୋଇଛି। ଏନେଇ ଅଧାପକମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କଣ୍ଟ୍ରୋଲରଙ୍କୁ ଜଣାଇଥିବା କହିଛନ୍ତି।

### ଚୋରା ମଦ ଧରପଗଡ଼: ୬ ଗିରଫ



**ସୋର,୨୯।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅବକାରୀ ବିଭାଗ ଓ ମୋବାଇଲ ସ୍କ୍ୱାର୍ଡ଼ ପକ୍ଷରୁ ମିଳିତ ଭାବେ ସିମୁଳିଆ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣରେ ଦେଶୀ ମଦ ଓ ପୋଚ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ସିମୁଳିଆ ଥାନା ବାଟି ଗ୍ରାମର ଉପେନ୍ଦ୍ର ବେହେରା, ଗୋବିନ୍ଦ ବେହେରା, ଭାସ୍କର ବେହେରା, ମଧୁପୁର ଗ୍ରାମର ମେନକା ସିଂ, ପ୍ରତାପପୁରର ଗଜେନ୍ଦ୍ର ପ୍ରସାଦ ବାରିକ ଓ କୁସନ ମାରଣ୍ଡି। ସେମାନଙ୍କ ବିରୋଧରେ ପୃଥକ୍ ପୃଥକ୍ ଭାବେ ୬ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋଡ୍ରାଙ୍କ ନିର୍ଦ୍ଦେଶ କ୍ରମେ ଉପଅଧୀକ୍ଷକ ଅମରେନ୍ଦ୍ର ଜେନା, ସଦର ଅବକାରୀ ବିଭାଗ ଉପନୀରିକ୍ଷକ ଅର୍ଜୁନ ମଲ୍ଲିକ ଓ ସୋର ଅବକାରୀ ଥାନା ଏସ୍‌ଆଇ କୁଳମଣି ମହାରଣା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ତାତି ସହି ନ ପାରି ପାଲା କଳାକାରଙ୍କ ପରଲୋକ

**ଔପଦା,୨୯।୫(ଡି.ଏନ.ଏ.):** ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ବାଲେଶ୍ୱର ଜିଲା ଔପଦା ଥାନା ଅସ୍ତପାଟଣା ଗ୍ରାମର ପାଲା କଳାକାର ଯଦୁନାଥ ବାରିକ(୬୫) ପ୍ରବଳ ଗ୍ରୀଷ୍ମ ତାପ ଯୋଗୁ ଅସୁସ୍ଥ ହୋଇ ମୃତ୍ୟୁ ବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବୁଧବାର ସେ ଶୌଚ ପାଇଁ ବିଲକୁ ଯାଇଥିବା ସମୟରେ ସେଠାରେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଔପଦା ଡାକ୍ତରଖାନାକୁ ଅଣିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ସୋର ଡାକ୍ତରଖାନା ନିଆଯାଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଯଦୁନାଥ ପାଲାରେ ପାଳଆ ଭାବେ କାର୍ଯ୍ୟକରୁଥିବାରୁ କଳାକାର ଭତ୍ତା ପାଉଥିଲେ। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

# ବାତ୍ୟା କ୍ଷତି ପରେ ଦାଉ ସାଧିଲେ ହାତୀପଲ

## ରବି ଫସଲ ହରାଇ ଚାଷୀକୁଳ ବନ ବିଭାଗର ଦ୍ୱାରସ୍ଥ, ପ୍ରତିକାର ନ କଲେ ଚାଷ ଛାଡ଼ିଦେବାକୁ ଚେତାବନୀ

**ଔପଦା,୨୯।୫(ଡି.ଏନ.ଏ.)**



ହାତୀ ଉଜାଡ଼ି ଦେଇଛନ୍ତି ଫସଲ।

ବାଲେଶ୍ୱର ଜିଲା ଔପଦା ବ୍ଲକ କୁଲଡ଼ିହା ହାତୀ ଅଭୟାରଣ୍ୟ ପାଦଦେଶରେ ହାତୀ ଉପଦ୍ରବ ଲାଗି ରହିଛି। ଫନୀ ବାତ୍ୟାରେ ଉକ୍ତ ଅଞ୍ଚଳର ରବି ଫସଲରେ ବ୍ୟାପକ କ୍ଷତି ଘଟିଥିଲା। ଯାହା ଫସଲ ତିଷ୍ଠି ରହିଥିଲା ତାହାକୁ ଏବେ ହାତୀପଲ ଉଜାଡି ଦେଉଛନ୍ତି। ଗତ ୩ ଦିନ ଧରି ରାତି ୮ଟା ପରେ ହାତୀପଲ ଅଭୟାରଣ୍ୟ ତଳି ଇଲାକାକୁ ଚାଲି ଆସି ରବିଫସଲ ଖାଇବା ସହ ମାଡ଼ିଚକଟି ନଷ୍ଟ କରି ଦେଉଛନ୍ତି। ଚାଷୀମାନେ ଫସଲ ରକ୍ଷା କରିବାକୁ ଗଛ ଉପରେ ଭାଡ଼ି ବାନ୍ଧି ରାତି ଉଜାଗର ରହି ବାଣ ଫୁଟାଇ ହାତୀ ଘଉଡ଼ାଇବାକୁ ଚେଷ୍ଟା କରୁଥିଲେ ହେଁ କୌଣସି ସଫଳ ମିଳୁ ନାହିଁ। ବନ ବିଭାଗ ହାତୀପଲ ଘଉଡାଇବାରେ ବିଫଳ ହେଉଥିବାରୁ ଚାଷୀମାନେ ମଧ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏଠାକାର ଜଙ୍ଗଲ ତଳି ଅଞ୍ଚଳରେ ପ୍ରତିବର୍ଷ ହାତୀପଲ ଉପଦ୍ରବ କରି ଫସଲ ଉଜାଡି ଦେଉଥିଲେ ମଧ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ମିଳୁ ନାହିଁ। ଅନ୍ୟପକ୍ଷେ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଲାଗି ଖାଇ ନିର୍ମାଣ ସହ ସୋଲାର ବାଡ ବସାଯିବାକୁ ଦାବିକରି ଆସୁଛନ୍ତି। ହେଲେ ପ୍ରଶାସନ ଏହାକୁ ଅଣଦେଖା କରୁଥିବାରୁ ସେମାନେ ଏଣିକି ଚାଷ ଛାଡ଼ିଦେବେ ବୋଲି ସ୍ଥାନୀୟ ଗଡ଼ସାହି ଗ୍ରାମ ଚାଷୀ କହିଛନ୍ତି। ଉଲ୍ଲେଖନୀୟ ଯେ, କୁଲଡ଼ିହା ଅଭୟାରଣ୍ୟର ସୁନ୍ଦରୀ ପଶ୍ଚିମା ଦେବୀ ପୀଠ ନିକଟସ୍ଥ ପାହାଡ଼ ତଳି ଇଲାକାରେ ଗଡ଼ସାହି ପଞ୍ଚାୟତ ରହିଛି। ଉଭୟ ରବି ଓ ଖରିଫ ଚାଷ ସମୟରେ ଛାଡି ହାତୀପଲ ଏହି ଅଞ୍ଚଳକୁ ଚାଲି ଆସି ଉପଦ୍ରବ କରୁଛନ୍ତି। ଏ ସମ୍ପର୍କରେ ଚାଷୀମାନେ ବନ ବିଭାଗ ରେଞ୍ଜ ଅଫିସ୍‌ରେ ଅଭିଯୋଗ କରିଆସୁଥିଲେ ମଧ କୌଣସି ପ୍ରତିକାର ହେଉ ନାହିଁ। ସମ୍ପ୍ରତି ହାତୀପଲ ରବି ଫସଲ ନଷ୍ଟ କରିବା ଘଟଣା ନେଇ ଗ୍ରାମବାସୀ ରେଞ୍ଜ୍ ଅଫିସ୍‌ରେ ଅଭିଯୋଗ କରିଛନ୍ତି।

■ହାତୀପଲ ଘଉଡାଇ ପାରୁନି ବନ ବିଭାଗ

■କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳୁ ନ ଥିବା ଅଭିଯୋଗ

ଗ୍ରାମବାସୀଙ୍କ ପକ୍ଷରୁ ନଟବର ଗିରି, ସୁକଦେବ ଗିରି, ଜୟନ୍ତ ସେନାପତି, ବାବୁରାମ ପାତ୍ର, ବନମାଳୀ ଗଡ଼ଗାୟାଁ, ମହେନ୍ଦ୍ର ସେନାପତି, ଯୋଗେନ୍ଦ୍ର ସେନାପତି ପ୍ରମୁଖ ରେଞ୍ଜର ପ୍ରଦୀପ କୁମାର ଜେନାଙ୍କୁ ଭେଟି ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ ବୋଲି ଦାବିକରିଛନ୍ତି। କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରେଞ୍ଜର ଜେନା ପ୍ରକାଶ କରିଛନ୍ତି।

# ଉତ୍ତର ବାଲେଶ୍ୱରକୁ ମିଳିଲାନି ମନ୍ତ୍ରୀପଦ

**ଭୋଗରାଇ,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲାରେ ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ ସିମୁଳିଆର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ପର୍ଯ୍ୟଟନ, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦ ମିଳି ଥିବାବେଳେ ଉତ୍ତର ବାଲେଶ୍ୱରବାସୀଙ୍କୁ ଅଣଦେଖା କରାଯାଇଥିବା ଦଳୀୟ କର୍ମୀ ଓ ନେତାମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୨୦୧୪ ନିର୍ବାଚନ ଜିତି ଭୋଗରାଇ ବିଧାୟକ ଅନନ୍ତ ଦାସ ମନ୍ତୀପଦ ପାଇଥିଲେ। ଏଥର ତାଙ୍କୁ ମନ୍ତ୍ରୀ ପଦ ମିଳବ ବୋଲି ତାଙ୍କ ସମର୍ଥକ ଓ ଦଳୀୟ କର୍ମୀ ଆଶା ରଖିଥିଲେ। ସେହିପରି ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଏବଂ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମନ୍ତ୍ରୀ ପଦ ଚର୍ଚ୍ଚାରେ ରହିଥିଲେ। ଏଣୁ ଉତ୍ତର ବାଲେଶ୍ୱରକୁ ମନ୍ତ୍ରୀପଦ ମିଳୁ ବୋଲି ଭୋଗରାଇ ପର୍ଯ୍ୟବେକ୍ଷକ ରାଜକିଶୋର ଆଚାର୍ଯ୍ୟ, ଭୋଗରାଇ ବିଜେଡି ସଭାପତି ରମାକାନ୍ତ କରଣ, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ସମ୍ପାଦକ ତପନ କୁମାର ପଣ୍ଡା, ଜିଲା ଉପସଭାପତି ଭୁବନାନନ୍ଦ ଦାସ, ଜଳେଶ୍ୱର ବ୍ଲକ ଭାଇସ୍ ଚେୟାରମ୍ୟାନ୍ ବ୍ରଜମୋହନ ପ୍ରଧାନ, ବାଲିଆପାଳ ବିଜେଡି ନେତା ଅଜୟ କୁମାର ସାହୁ, ବସ୍ତା ବିଜେଡି ନେତା ଶ୍ୟାମା ପ୍ରସାଦ ବେହେରାଙ୍କ ସମେତ ବହୁ ଛାମୁଆ ନେତା ଦାବି କରି ମୁଖ୍ୟମନ୍ତ୍ରୀ ଏହାର ପୁନଃବିଚାର କରିବାକୁ ନିବେଦନ କରିଛନ୍ତି। ଏସମ୍ପର୍କରେ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କୁ ପଚାରିବାରୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେଇଛନ୍ତି ସେଥିରେ କିଛି କହିବାର ନାହିଁ। ଭୋଗରାଇବାସୀଙ୍କ ଆଶୀର୍ବାଦ, ସ୍ନେହ, ଶ୍ରଦ୍ଧା ଯୋଗୁ ସେ ବିଜୟ ହାସଲ କରିଛନ୍ତି। ସେମାନଙ୍କ ସେବା କରିବାକୁ ସେ ଅଧିକ ସମୟ ପାଇବେ ଓ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ ବୋଲି କହିଛନ୍ତି।

**ଦଳୀୟ ସମର୍ଥକ ମହଲରେ ନୈରାଶ୍ୟ**

# ମନ୍ତ୍ରୀ ପଦ ମିଳିବାପରେ ଜ୍ୟୋତିପ୍ରକାଶଙ୍କୁ ସମ୍ବର୍ଦ୍ଧନା

**ସିମୁଳିଆ/ଖଇରା, ୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଖଇରା ନିର୍ବାଚନମଣ୍ଡଳୀର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ରାଷ୍ଟ୍ର ପାହ୍ୟା ମନ୍ତ୍ରୀ ପଦ ମିଳିଛି। ସେ ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ପଦ ଓ ଗୋପନୀୟତାର ଶପଥପାଠ କରିଛନ୍ତି। ଏନେଇ ଉଭୟ ସିମୁଳିଆ ଓ ଖଇରା ବ୍ଲକରେ ଦଳୀୟ କର୍ମୀ ଓ ପ୍ରଶଂସକ ମହଲରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ସେମାନେ ବାଣଫୁଟାଇ ବିଭିନ୍ନ ନାରା ଦେଇ ଖୁସି ମନାଇଛନ୍ତି। ଉଭୟ ବ୍ଲକରୁ ଶତାଧିକ ଜନସାଧାରଣ ଓ ସମର୍ଥକ ଭୁବନେଶ୍ୱର ଯାଇ ବିଧାୟକ ତଥା ମନ୍ତ୍ରୀ ଜ୍ୟୋତିପ୍ରକାଶଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ଉଲ୍ଲେଖନୀୟ ଯେ, ଜ୍ୟୋତିପ୍ରକାଶ ବିଜେଡିରୁ ଦ୍ୱିତୀୟଥର ଟିକେଟ୍ ପାଇ ମୋଟ୍ ୧୪ହଜାର୯୫୯ଖଣ୍ଡ ଅଧିକ ଭୋଟ୍ ହାସଲ କରି ଏହି ଆସନରୁ ବିଜୟୀ ହୋଇଛନ୍ତି। ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀର ବିକାଶ ଲାଗି ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କର୍ମୀମାନେ ଆଶାବ୍ୟକ୍ତ କରିଛନ୍ତି। ଖଇରା ସାହିତ୍ୟ ସଂସଦର ସଭାପତି ମାୟାଧର ନାୟକ ମନ୍ତ୍ରୀ ଜ୍ୟୋତି ପ୍ରକାଶ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କ କାର୍ଯ୍ୟକାଳରେ ଖଇରା ବ୍ଲକର କୁପାରୀ ବୌଦ୍ଧ କ୍ଷେତ୍ର ଓ ତୁଡିଗଡିଆ ଶହୀଦ ପୀଠର ଉନ୍ନତି ଓ ସାହିତ୍ୟ ଅନୁଷ୍ଠାନର ପୁନରୁଦ୍ଧାର ଘଟିବ ବୋଲି ଆଶା ପ୍ରକଟ କରିଛନ୍ତି। ଖଇରାଅଞ୍ଚଳର ବହୁ ବ୍ୟକ୍ତିବିଶେଷ ମଧ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ୩ ଜିଲାରୁ ଯୋଗଦେଲେ ୨ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି

**ବାଲେଶ୍ୱର ଅଫିସ,୨୯।୫**



କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଶ୍ରମିକ ସୁରକ୍ଷା ସଚେତନତା କର୍ମଶାଳା**

ବାଲେଶ୍ୱର ବାଲଗୋପାଳପୁର ଶିଳ୍ପାଞ୍ଚଳ ଇମାମୀନଗରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଆରତି ମଣ୍ଡପରେ ବୁଧବାର ଶ୍ରମିକ ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଡାଇରେକ୍ଟର ଅଫ ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର ପକ୍ଷରୁ ଇମାମୀ ପେପର ମିଲ୍‌ସ ଲିମିଟେଡ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର ୨ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। କର୍ମସ୍ଥଳୀରେ ଘଟୁଥିବା ବିଭିନ୍ନ ଦୁର୍ଘଟଣାର କାରଣ, ନିରାକରଣ, ବୈଦ୍ୟୁତିକ ସୁରକ୍ଷା, ବୃତ୍ତିଗତ ସ୍ୱାସ୍ଥ୍ୟ ଓ ବିଭିନ୍ନ ରୋଗର ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଏଲ୍‌ପିଜି ସୁରକ୍ଷା, ରାସାୟନିକ ଦୁର୍ଘଟଣା ରୋକିବା ଏବଂ ସଡ଼କ ଓ ବନ୍ଦର ସୁରକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କରେ ଏକ ନାଟକ ପ୍ରଦର୍ଶିତ ହୋଇଥିଲା। ପେଟ୍ରୋଲିୟମ୍ ପ୍ରଡକ୍ଟର ଲିକେଜ୍ ଓ ଏହାର ନିରାକରଣ ସମ୍ପର୍କରେ ଓସିଏଲ୍ ପକ୍ଷରୁ ମଧ ମକ୍‌ଡ୍ରିଲ୍ କରାଯାଇଥିଲା।

ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର ଇଂ. ସତ୍ୟନାରାୟଣ ସେଠୀ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉପନିର୍ଦ୍ଦେଶକ (ସୁରକ୍ଷା) ଇଂ. ରମେଶ କୁମାର ବେହେରା, ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାର, ସହକାରୀ ନିର୍ଦ୍ଦେଶକ ଇଂ. କେଦାରନାଥ ହାଁସଦା, ଇମାମୀ ପେପର ମିଲ୍‌ସ ଲିମିଟେଡ୍‌ର ମୁଖ୍ୟ ପରିଚାଳକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ଏସ୍.କେ. ଖୈତାନ, ଉପସଭାପତି ଆଶିଷ ଏ. ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ କାରଖାନାର କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଇମାମୀ ପେପର ମିଲ୍‌ସର ଏଚ୍‌ଆର୍‌ଡି ଓ ସୁରକ୍ଷା ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିମୁଳିଆ ଓ ଖଇରା ବ୍ଲକରେ ୩୫,୧୯୬ହେକ୍ଟର ଜମିରେ ହେବ ଖରିଫ ଧାନ ଚାଷ

**ସିମୁଳିଆ,୨୯।୫(ଡି.ଏନ.ଏ.)**

ଚଳିତ ଖରିଫ୍ ଋତୁ ଚାଷ ପାଇଁ ବାଲେଶ୍ୱର ଜିଲା କୃଷି ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ କରାଯାଇଛି। ସିମୁଳିଆ ବ୍ଲକ୍‌ର ମୋଟ୍ ୧୩,୯୯୩ହେକ୍ଟର ଚାଷଜମି ମଧ୍ୟରୁ ୧୩୭୪୩ ହେକ୍ଟର ଜମିରେ ଧାନ ଓ ୨୫୦ହେକ୍ଟର ଜମିରେ ଅଣଧାନ ଚାଷ କରାଯିବ। ସେହିପରି ଖଇରା ବ୍ଲକର ୨୩,୯୬୩ହେକ୍ଟର ଚାଷଜମି ମଧ୍ୟରୁ ୨୧୪୫୩ହେକ୍ଟର ଜମିରେ ଧାନ ଓ ୨୫୧୦ହେକ୍ଟର ଜମିରେ ଅଣଧାନ କରାଯିବା ଯୋଜନା ରହିଛି। ସୋସାଇଟି ଓ ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ଚାଷୀଙ୍କୁ ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ୍-୧, ପୂଜା, ରାଣୀ, ପ୍ରତୀକ୍ଷା, ସିଆର କିସମର ଧାନ ବିହନ ଯୋଗାଇ ଦିଆଯିବ। ଏଥିପାଇଁ ସିମୁଳିଆର ୬ ସୋସାଇଟି ଓ ଖଇରା ବ୍ଲକର ୧୪ ସୋସାଇଟି ଦାୟିତ୍ୱରେ ରହିଛନ୍ତି। ବିଭିନ୍ନ ଘରୋଇ ଡିଲର ନିଜର ଲାଇସେନ୍ସ ନବୀକରଣ କରି ବାଲେଶ୍ୱର ଏସ୍‌ପିଓ (ସିଡ୍ ପ୍ରଡକ୍ସନ ଅଫିସର)ଙ୍କ ନିକଟରୁ ବିହନ ନେଇପାରିବେ। ତେବେ ସ୍ୱର୍ଣ୍ଣ, ପୂଜା ପରି ଅଧିକ ଅମଳକ୍ଷମ ଧାନ ବିହନର ଦର କୁଇଣ୍ଟାଲ ପ୍ରତି ୨ହଜାର ଟଙ୍କା ଓ ରାଣୀ, ସ୍ୱର୍ଣ୍ଣ ସବ୍-୧ ପରି ଧାନ ବିହନର ଦର ୧୮ଶହ ଟଙ୍କା ରହିଥିବା ଜିଲା କୃଷି ଅଧିକାରୀ ଗୁରେନ୍ଦ୍ର ନାଥ ସିଂ ସୂଚନା ଦେଇଛନ୍ତି। ତେବେ ଜୈବିକ ଖତ ପ୍ରସ୍ତୁତି ସକାଶେ ଧଣିଚା ଚାଷ ଓ ଧାଡ଼ି ରୁହା ପାଇଁ ଏଯାଏ କୌଣସି ଯୋଜନା ହୋଇ ନ ଥିବାର ସୂଚନା ମିଳିଛି।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ




ବନ୍ଧୁମିଳନ ଉତ୍ସବରେ ମଞ୍ଚାସୀନ ଅତିଥି।

**ବାହାନଗା,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ଉଚ୍ଚ ବିଦ୍ୟାଳୟର ୭୪ ମସିହା ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅବସରପ୍ରାପ୍ତ ଦୁଇଶିକ୍ଷକଙ୍କୁ ଉପଢ଼ୌକନ ସହ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପାଠ ପଢ଼ି ୧୯୭୪ ମସିହାରେ ମାଟ୍ରିକ ପାଶ୍ କରିଥିବା ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇଥିଲେ। ବାହାନଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାଶ ରଞ୍ଜନ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ବ୍ରଜେନ୍ଦ୍ର କୁମାର ପଟ୍ଟନାୟକ ଏବଂ ନରହରୀ ପ୍ରସାଦ ଜେନା ପୁରାତନ ଛାତ୍ରଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଦାସରଥି ମୁଦୁଲି, ବ୍ରଜେନ୍ଦ୍ର କୁମାର ପଣ୍ଡା, ବସନ୍ତ କୁମାର ଶତପଥୀ, ଜ୍ୟୋତ୍ସ୍ନାରାଣୀ ସେନାପତି, ଭାସ୍କର ଚନ୍ଦ୍ର ସାହୁ, କମଳୀ କୁମାରୀ ରାୟ, ଅର୍ଣ୍ଣପୂର୍ଣ୍ଣା ସାହୁ, ମନୋରମା ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମଦ ବେପାରୀଙ୍କୁ ଧରିଲେ ମହିଳା

**ରୂପ୍‌ସା,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ବଡ଼ଡିହ ଗ୍ରାମରେ ବୁଧବାର ମହିଳାମାନେ ଜଣେ ମଦ ବେପାରୀଙ୍କୁ କାବୁ କରି ତାଙ୍କୁ ପୋଲିସ ଜିମା ଦେଇଛନ୍ତି। ଏହି ମଦ ବେପାରୀଙ୍କଠାରୁ ୧୦ଲିଟର ଦେଶୀ ମଦ ଜବତ ହୋଇଛି। ଫାଣ୍ଡି ଅଧିକାରୀ ଭାଦ ମାଝି ଅଭିଯୁକ୍ତ ମଦ ବେପାରୀ ଭଗବାନ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ( ନଂ.୧୬୬/୧୯) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ଘର ସହଦେବଖୁଣ୍ଟା ଥାନା ଅଞ୍ଚଳରେ। ସେ ଦୀର୍ଘଦିନ ଧରି ବଡ଼ଡିହ ଗ୍ରାମ ଶ୍ୱଶୁର ଘରେ ଚୋରାରେ ମଦ ବ୍ୟବସାୟ ଚଳାଇ ଆସୁଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚୋରା ମଦ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ଏହି ପରିପ୍ରେକ୍ଷୀରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିବାରେ ସମର୍ଥ ହୋଇଥିଲେ।

# ଶିରିପୁରରେ ବ୍ରହ୍ମଯଜ୍ଞ,ଧର୍ମ ମହାସଭା

**ଖଇରା,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଶିରିପୁର ଠାରେ ମଙ୍ଗଳବାର ଅଷ୍ଟମ ବାର୍ଷିକ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅ । ଞ୍ଚ ଳି କ ବ୍ରାହ୍ମଣ ସମିତି ଓ ବ୍ରହ୍ମଯଜ୍ଞ କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ବ୍ରହ୍ମଯଜ୍ଞ ଅବସରରେ ଧର୍ମ ମହାସଭା ହୋଇଥିଲା। ଜୀବଜଗତର କଲ୍ୟାଣ, ପରିବେଶ ସନ୍ତୁଳନ ଓ ବ୍ରହ୍ମଶକ୍ତିର ଉତ୍‌ଥାନ ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପର୍ଶୁରାମ ଶତପଥୀ ଓ ରଘୁନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଯଜ୍ଞକର୍ମ ସମ୍ପନ୍ନ ହୋଇଥିଲା। ଏଥିରେ ଶତାଧିକ ବ୍ରାହ୍ମଣ ଯୋଗ ଦେଇଥିଲେ। ଧର୍ମ ମହାସଭାରେ ଆଞ୍ଚଳିକ ବ୍ରାହ୍ମଣ ସମିତିର ସଭାପତି ଜଳଧର ମିଶ୍ର ଅଧକ୍ଷତା କରିଥିଲେ। ରମାକାନ୍ତ ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜିଲା ଉପସଭାପତି ଶକ୍ତିପଦ ପଣ୍ଡା, କୃଷ୍ଣଚନ୍ଦ୍ର ପତ୍ରୀ, ବାହାନଗା ବ୍ଲକ ସଭାପତି ବିରାକାର ଦାଶ, ଜିଲା ସମ୍ପାଦକ ଗୌରଚନ୍ଦ୍ର ଦାଶ, ମୁକ୍ତିକାନ୍ତ ପାଢ଼ୀ, ସର୍ବେଶ୍ୱର ପତି, ଯଜ୍ଞ କମିଟିର ସଭାପତି ବିଷ୍ଣୁମୋହନ ଶତପଥୀ, ସଭ୍ୟ ମୁକ୍ତିକାନ୍ତ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମାଜର କଲ୍ୟାଣ ଲାଗି ବ୍ରାହ୍ମଣ ସମାଜର ଏକତା ଓ ଉତ୍ଥାନ ଆବଶ୍ୟକ ବୋଲି ସେମାନେ କହିଥିଲେ। ଅନାମନନ୍ଦ ଦାଶ ବେଦପାଠ କରିଥିଲେ। ଉପେନ୍ଦ୍ର ପ୍ରସାଦ ପାଢ଼ୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବେଦପାଠରେ ସାମିଲ ଉଗରପଡ଼ା ବିବେକଭାରତୀ ସେବାଶ୍ରମର ଛାତ୍ରଙ୍କୁ ସମିତିତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବୁଧବାର ଧର୍ମମହାସଭାରେ ମଞ୍ଚାସୀନ ଅତିଥି ଓ ବକ୍ତା।

# ପଥ ବିକ୍ରେତାଙ୍କୁ ମିଳୁ ସାମାଜିକ ନିରାପତ୍ତା

## ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଲେ ସଂଘ କର୍ମକର୍ତ୍ତା

**ବାଲେଶ୍ୱର ଅଫିସ,୨୯।୫**



ପଥବିକ୍ରେତା ସଂଘ ତରଫରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର।

ଓଡ଼ିଶା ପଥବିକ୍ରେତା ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଉଠାଦୋକାନୀ କଲ୍ୟାଣବୋର୍ଡ଼ ଗଠନ ଓ ସେମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ପଥବିକ୍ରେତା ସଂଘ ରାଜ୍ଯ ସଭାପତି ଜୟନ୍ତ ଦାସ, ବରିଷ୍ଠ ଶ୍ରମିକନେତା ଅରୁଣ ଜେନା, ପଥ ବିକ୍ରେତା ସଂଘ ବାଲେଶ୍ୱର ଶାଖାର ଉପସଭାପତି ଆବିଦ ଖାନ୍, ସମ୍ପାଦକ ମହିନ ମୋହନ ପରିଡା, ଟାଉନ ଭେଣ୍ଡିଂ କମିଟିର ସଦସ୍ୟ ରାମଚନ୍ଦ୍ର ପରିଡା, ସଂଘର ବରିଷ୍ଠ ସଦସ୍ୟ ଦିନବନ୍ଧୁ ଦାସ, ଅଭିରାମ ବାରିକ, ସହଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସଂଘ ପକ୍ଷରୁ କୁହାଯାଇଛି ଯେ, ଉଠାଦୋକାନୀଙ୍କର ସାମାଜିକ ନିରାପତ୍ତା ଲାଗି ପଥବିକ୍ରେତା କଲ୍ୟାଣ ବୋର୍ଡ଼ ଗଠନ ଅତି ଜରୁରୀ। ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷା, ବିବାହ, ଦୁର୍ଘଟଣା କ୍ଷତିପୂରଣ, ପେନସନ ବ୍ୟବସ୍ଥା ଲାଗି ସଂଘ ଦାବି ଉପସ୍ଥାପନ କରଛି। ସେହିପରି ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରାଯାଇଛି। ରାସ୍ତା ସମ୍ପ୍ରସାରଣ ବେଳେ ଉଚ୍ଛେଦ ହେଉଥିବା ଦୋକାନୀଙ୍କୁ ଥଇଥାନ କରାଯିବା ସହ ଡିଜିଟାଲ ସର୍ଭେ ଜରିଆରେ ଉଠାଦୋକାନୀଙ୍କୁ ପଞ୍ଜୀକରଣ କରି ପ୍ରମାଣପତ୍ର ଦିଆଯିବାକୁ ଉକ୍ତ ସ୍ମାରକପତ୍ରରେ ଦାବି କରାଯାଇଛି। ସଂସଦରେ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିବା 'ପଥବିକ୍ରେତା ଜୀବନ ସୁରକ୍ଷା ଓ ପଥବିକ୍ରୟ ବିନିମୟ ଆଇନ୍-୨୦୧୪'ରେ ବିକ୍ରେତାଙ୍କ ସ୍ୱାର୍ଥ ବିରୋଧୀ ବ୍ୟବସ୍ଥା ରହିଥିବାରୁ ରାଜ୍ୟ ସରକାର ଏହାକୁ ସମୀକ୍ଷା କରିବା ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୨୯।୫(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ତାରଣା ଗ୍ରାମ ଗୌରସାହି ବସ୍ତିର ଜଣେ ମହିଳା ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ସୁବା ମହାକୁଡ଼ ବୋଲି ଜଣାପଡିଛି। ଯାମଦା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ କରାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୯) ରୁଜୁ ହୋଇଛି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଉଦଳା,୨୯।୫(ଡି.ଏନ୍.ଏ)- ମୟୂରଭଞ୍ଜ ଜିଲା ଉଦଳା ଥାନା ଦୂତିକାଦେଈପୁର ଗ୍ରାମର ଜଣେ ଯୁବକଙ୍କ ମଙ୍ଗଳବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଉତ୍ତମ କୁମାର ପାତୁଲିଆ (୨୮) । ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଉତ୍ତମ କାମ କରିବା ପାଇଁ ଯାଇଥିବା ବେଳେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅସୁସ୍ଥ ଅନୁଭବ କରିଥିଲେ । ପରେ ସେ ଘରକୁ ଆସି ଖାଇସାରି ଶୋଇପଡିଥିଲେ । ସନ୍ଧ୍ୟାରେ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଉଦଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଡାକ୍ତରଖାନା କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରାଇରଙ୍ଗପୁର,୨୯।୫(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା ଚକ୍ଷୁ ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ମଙ୍ଗଳବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ କର୍ମଚାରୀ ହେଲେ ରଞ୍ଜନ କୁମାର ମଣ୍ଡଳ (୫୦) ଓ ତାଙ୍କ ଘର ତିରିଙ୍ଗ ଥାନା ଅନ୍ତର୍ଗତ ତାରଣା ଗ୍ରାମରେ। ରଞ୍ଜନ ମଙ୍ଗଳବାର ୱାର୍ଡରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରେ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, କିଛିଦିନ ତଳେ ଏହି ଡାକ୍ତରଖାନାର ନର୍ସ ଗୌରୀ ସିଂହ (୫୫)ଙ୍କର ମଧ କାର୍ଯ୍ୟରତ ସମୟରେ ମୃତ୍ୟୁ ଘଟିଥିଲା। ଏଥିନେଇ ଡାକ୍ତରଖାନା କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି।

### ଅବକାରୀ ଚଢ଼ାଉ, ୩ ମହିଳା ଗିରଫ

ଖୁଣ୍ଟା,୨୯।୫(ଡି.ଏନ.ଏ)- ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୯ ଲିଟର ମହୁଲି ମଦ ଜବତ କରାଯାଇଛି। ଏହି ବେଆଇନ କାରବାରରେ ଲିପ୍ତ ଥିବା ୩ ମହିଳାଙ୍କୁ ମଧ ଗିରଫ କରାଯାଇଛି। ଅଭିଯୁକ୍ତ ମହିଳାମାନେ ହେଲେ ଧରମପୁର ଗ୍ରାମର ଅଞ୍ଜନା ପାତ୍ର, ବୃନ୍ଦାଗୋଡି ଗ୍ରାମର ଗୁରୁବାରୀ ସରେନ ଓ ଭଡରାଡିହି ଗ୍ରାମର ମାମି ସରେନ । ଏହି ଚଢ଼ାଉରେ ଅବକାରୀ ଅଧିକାରୀ ସଞ୍ଜୟ ପଣ୍ଡାଙ୍କ ସମେତ ବୃନ୍ଦଦେବ ମହାନ୍ତ, ହେମନ୍ତ ପାତ୍ର, ଦୀପାଞ୍ଜଳି ଦାସ ପ୍ରମୁଖ କର୍ମଚାରୀ ମାନେ ସାମିଲ ଥିଲେ ।

# ବାରିପଦା ସହରରେ ଜଳକଷ୍ଟ

ବାରିପଦା ଅଫିସ,୨୯।୫

- ଭୂତଳ ଜଳ ହ୍ରାସ ପାଉଛି
- ଜମ୍ବିରା ଜଳ ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି
- ଆବଶ୍ୟକ ୧୮.୬୦ ମିଲିୟନ ଲିଟର, ମିଳୁଛି ୧୬.୩୦ ମିଲିୟନ ଲିଟର

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଜଳକଷ୍ଟ ସମସ୍ୟା ଦେଖାଦେଇଛି। ଖରା ଦିନ ତଥା ଭୂତଳ ଜଳ କ୍ରମଶଃ ହ୍ରାସ ପାଉଥିବାରୁ ଏଭଳି ସମସ୍ୟା ଦେଖାଯାଉଛି। ସେହିପରି ସହରର ଭୌଗଳିକ ଅବସ୍ଥିତି ଅନୁଯାୟୀ ଭୂତଳ ଜଳ ମଧ୍ୟ ବିଭିନ୍ନ ସ୍ଥାନରେ ବିଭିନ୍ନ ସ୍ତରରେ ଥିବା ଜଣାପଡିଛି। ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୫୦ ଫୁଟ ତଳେ ଜଳ ଥିବାବେଳେ ଖରା ଦିନ ଆରମ୍ଭ ହେଉଣୁ ଏହା ୨୦ ଫୁଟ ତଳକୁ ଅର୍ଥାତ ପ୍ରାୟ ୭୦ ଫୁଟ ତଳକୁ ଖସି ଯାଏ ବୋଲି ବାରିପଦା ସ୍ଥିତ ଜିଲା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବାରିପଦା ସହରର ଜନସଂଖ୍ୟା ୧ ଲକ୍ଷ ୨୦ ହଜାର । ଏଠାକାର ଲୋକଙ୍କ ପାଇଁ ବାରିପଦା ପୌର ପରିଷଦ ଓ ଜନସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ଜଳ ଯୋଗାଇ ଥାନ୍ତି। ସହରକୁ ପ୍ରତ୍ୟେହ ୧୮.୬୦ ମିଲିୟନ ଲିଟର ଜଳ ଆବଶ୍ୟକ ପଡୁଥିବା ବେଳେ ମିଳୁଛି ୧୬.୩୦ ମିଲିୟନ ଲିଟର। ଅନ୍ୟପକ୍ଷେ ୨୦୨୦ ସୁଦ୍ଧା ବାରିପଦା ସହରରେ ଜମ୍ବିରା ଜଳପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଉ ଜଳ ସମସ୍ୟା ଦେଖା ଦେବ ନାହିଁ ବୋଲି ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ୮୪.୨୨ କୋଟି ବ୍ୟୟ ଅଟକଳରେ ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇ ସାରିଛି। ଏଥିରେ ୧୨୨ କି.ମି ପାଇପ ଲାଇନ ସଂଯୋଗ ହେବ। ଏହି ପ୍ରକଳ୍ପ ଜରିଆରେ ବାରିପଦା ସହରକୁ ୨୫ ମିଲିୟନ ଲିଟର ଜଳ ସହରକୁ ଯୋଗାଇ ଦିଆଯିବ। ଫଳରେ ସହରରେ ଅଉ ପାଣି ସମସ୍ୟା ରହିବନାହିଁ। ଜମ୍ବିରା ପ୍ରକଳ୍ପରୁ ୧୫ କିମି ଦୂର ପର୍ଯ୍ୟନ୍ତ ପାଇପ ଲାଇନ ଆସି ପୂର୍ଣ୍ଣଚନ୍ଦ୍ରପୁରଠାରେ ୧୬ ମିଲିୟନ ଲିଟରର ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ କାର୍ଯ୍ୟାରମ୍ଭ ହୋଇସାରିଛି। ୬ ଟି ନୂଆ ଓଭରହେଡ ଟାଙ୍କି ନିର୍ମାଣ ହେଉଛି। ଏହା ସହିତ ଆଗାମୀ ଦିନରେ ମ୍ୟୁନିସିପାଲଟି ସହଯୋଗରେ ପ୍ରତି ୱାର୍ଡରେ ଜଳ ପରିମଳ କମିଟି ଗଠନ ହେବ। ଏଥିରେ ୧୨ ଜଣ ଲେଖାଏଁ ସଭ୍ୟାସଭ୍ୟ ରହିବେ। ସେମାନେ ଜଳର ବ୍ୟବହାର, ଅପବ୍ୟବହାର ସମ୍ପର୍କରେ ସଭା ସମିତି ମାଧ୍ୟମରେ ଲୋକଙ୍କୁ ବୁଝାଇ ନିଜ ନିଜ ଘରେ ପାନୀୟ ଜଳ ପାଇପ ସଂଯୋଗ ପାଇଁ ପରାମର୍ଶ ଦେବେ। ସେହିପରି ଭୂତଳ ଜଳ କମୁଥିବାରୁ ଭୂତଳ ଜଳ ମାପିବା ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବଡିର ଦାୟିତ୍ୱ। ସେମାନେ ପ୍ରତି ଅଞ୍ଚଳର ଭୂତଳ ଜଳ ମାପି ରିପୋର୍ଟ ଦେଇଥାନ୍ତି। ତେବେ ସହର ଦେଇ ନଦୀ ପ୍ରଭାବିତ ହେଉଥିବା ବେଳେ ସହରକୁ ଲାଗି ଶିମିଳିପାଳ ଜଙ୍ଗଲ ରହିଛି। ଏପରିସ୍ଥଳେ ଭୂତଳ ଜଳ କିପରି କମୁଛି ତାହା ପ୍ରଶ୍ନବାଚୀ। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ଏସଡିଓ ପ୍ରକାଶ ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ସେ କିଛି ମତାମତ ଦେଇପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଜମ୍ବିରା ପ୍ରକଳ୍ପ ଶେଷ ହେଲେ ସହାରବାସୀଙ୍କ ପାଇଁ ପାନୀୟ ଜଳର ଅଭାବ ରହିବ ନାହିଁ। ହେଲେ ଏହି ପ୍ରକଳ୍ପ ମନ୍ଥର ଗତିରେ ଚାଲୁଥିବା ସହରର ସଚେତନ ନାଗରିକ ଯଜାତି ମହାନ୍ତ କହିଛନ୍ତି। ଏଦିଗରେ ବିଭାଗ ଗୁରୁତ୍ୱ ଦେଇ ଶୀଘ୍ର ପ୍ରକଳ୍ପ ଶେଷ କରିବାକୁ ସେ ଦାବି କରିଛନ୍ତି।

## ଯୋଗ ଅଲିମ୍ପିଆଡ
# ମୟୂରଭଞ୍ଜର ୪ ପ୍ରତିଯୋଗୀ ଜାତୀୟସ୍ତରକୁ ମନୋନୀତ



ଜାତୀୟ ସ୍ତରକୁ ମନୋନୀତ ପ୍ରତିଯୋଗୀମାନେ।

ବାରିପଦା ଅଫିସ,୨୯।୫

ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ ପ୍ରତିଯୋଗିତାରେ ମୟୂରଭଞ୍ଜର ୪ ପ୍ରତିଯୋଗୀ କୃତିତ୍ୱ ହାସଲ କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। କୃତୀ ପ୍ରତିଯୋଗୀମାନେ ହେଲେ ୧୬ବର୍ଷରୁ କମ ବାଳକ ବିଭାଗର ରୂପାୟ ମାଝୀ ଏବଂ ବାଳିକା ବିଭାଗର ସ୍ମୃତିରେଖା ବେହେରା ଓ ଚୂଡ଼ାମଣି ମାଝୀ । ସେହିପରି ୧୪ବର୍ଷରୁ କମ୍ ବାଳକ ବିଭାଗର ସଞ୍ଜୟ ଦାସ । ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ୍ ମ୍ୟାନେଜର ଭାବେ ଯୋଗ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ଦାସ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ପିଇଟି ଆରତୀ ପାତ୍ରଙ୍କ ନେତୃତ୍ୱରେ ସେମାନେ ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଜୁନ ୧୭ରୁ ୨୦ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ସଫଳତା ପାଇଁ ସେମାନଙ୍କୁ ମୟୂରଭଞ୍ଜ ଜିଲା କାର୍ଯ୍ୟାଳୟ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ଥାନା ସମ୍ମୁଖରେ ଦିବ୍ୟାଙ୍ଗଙ୍କ ଧାରଣା

କପ୍ତିପଦା,୨୯।୫(ଡି.ଏନ୍.ଏ)


ଦିବ୍ୟାଙ୍ଗ ମନୋରଞ୍ଜନ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ।

କପ୍ତିପଦା ବ୍ଲକ୍ ସମ୍ମୁଖ ଜଣେ ଭିନ୍ନକ୍ଷମଙ୍କ ଦୋକାନରୁ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ପୋଲିସ ପଦକ୍ଷେପ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଭିନ୍ନକ୍ଷମ ମନୋରଞ୍ଜନ ଜେନା ସୋମବାର ଥାନା ସମ୍ମୁଖରେ ଧାରଣାରେ ବସି ଥିଲେ। ଆଇଆଇସି ରୀନା ବେହେରା ଧାରଣାସ୍ଥଳକୁ ଆସି ନିଜେ ଏହି ଚୋରି ଘଟଣାର ତଦନ୍ତ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଚଳିତ ମାସ ୧୧ ତାରିଖ ଓ ୨୦୧୮ ସେପ୍ଟେମ୍ବର ମାସରେ କପ୍ତିପଦା ବ୍ଲକ ସମ୍ମୁଖରେ ଥିବା ମନୋରଞ୍ଜନଙ୍କ ଏକ ଚାହା ଓ ଗ୍ୟାସ ଚୁଲା ମରାମତି ଦୋକାନରୁ ଚୋରି ହୋଇଥିଲା। ଏ ସମ୍ପର୍କରେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ପୋଲିସ ଚୋରଙ୍କର କୌଣସି ସୁରାକ ପାଇ ନ ଥିଲା । ଫଳରେ ଗୋଟିଏ ଦିବ୍ୟାଙ୍ଗ ମନୋରଞ୍ଜନଙ୍କ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଦ୍ଦେଶ୍ୟ ମୂଳକ ଭାବେ କିଛି ଚୋର ତାଙ୍କ ଦୋକାନରୁ ବାରମ୍ବାର ଚୋରି କରୁଥିବାର ମନୋରଞ୍ଜନଙ୍କ ସ୍ତ୍ରୀ ବନଲତା ପ୍ରକାଶ କରିଛନ୍ତି।

# ବାର୍ଷିକ ଆୟକର ଦାଖଲ ପ୍ରକ୍ରିୟା ସମ୍ପର୍କିତ କର୍ମଶାଳା

ବାରିପଦା ଅଫିସ,୨୯।୫

ମୟୂରଭଞ୍ଜ ଜିଲା କୋଷାଗାର ପକ୍ଷରୁ ୨ ଦିନିଆ ଜିଲାସ୍ତରୀୟ କର୍ମଶାଳା ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲା କୋଷାଗାର ଅଧିକାରୀ ଚନ୍ଦ୍ରମୋହନ ମାଝୀ, ରସୋର୍ସପର୍ସନ ଦିଲୀପ ପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ବିଭାଗ ଓ ଉଦ୍ୟୋଗ ଅଧିକାରୀ କର୍ମଚାରୀମାନଙ୍କୁ ମାସିକ,ବାର୍ଷିକ ପ୍ରାପ୍ତ ଦରମା ଏବଂ ବିଭିନ୍ନ ଉତ୍ସରୁ ପାଇଥିବା ସର୍ବମୋଟ ଅର୍ଥର ହିସାବରେ ଆୟକର ଦାଖଲ କରାଯିବା ପ୍ରକ୍ରିୟାର ବିଭିନ୍ନ ଧାରା ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ

ବାରିପଦା ଅଫିସ,୨୯।୫

ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରାଜଜ (୧) ଡ. ଭି ସୁଜାତା ବୁଧବାର ଏକ ହତ୍ୟା ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ ୨୦୧୪ ଅଗଷ୍ଟ ୧୧ ତାରିଖ ବିଳମ୍ବିତ ରାତିରେ ବାରିପଦା ସଦର ଥାନା ଅନ୍ତର୍ଗତ ଗୁଞ୍ଜୁସାହିଗ୍ରାମର ମିର୍ଜା ମୁର୍ମୁ ତାଙ୍କ ସାନ ଭାଇ ବାବୁଲାଲଙ୍କୁ ଏକ କୁରାଢ଼ୀରେ ହାଣି ହତ୍ୟା କରିଥିଲେ। ଅନୈତିକ ସମ୍ପର୍କକୁ ନେଇ ସେତେବେଳେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜଣା ପଡିଥିଲା। ହତ୍ୟା ଘଟଣାର ପର ଦିନ ସକାଳେ ବାରିପଦା ସଦର ବ୍ଲକ ଚେୟାରମ୍ୟାନ ବାଇଧର ମାଣ୍ଡି ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୮୩/୧୪) ରୁଜୁ କରି ଅଭିଯୁକ୍ତ ମିର୍ଜାଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କୁରାଢ଼ୀକୁ ମଧ ଜବତ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

# ରାଜ୍ୟସ୍ତରୀୟ କିଶୋରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ

କପ୍ତିପଦା,୨୯।୫(ଡି.ଏନ୍.ଏ)

କପ୍ତିପଦା ଶ୍ରୀ ଅରବିନ୍ଦ ପାଠଚକ୍ର ମାତୃବିହାର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜିଲା ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର ଆନୁକୂଲ୍ୟରେ ଆଗାମୀ ନଭେମ୍ବର ୨ ଓ ୩ ତାରିଖ ଦୁଇ ଦିନ ଧରି ଏକ ରାଜ୍ୟସ୍ତରୀୟ କିଶୋରୀ ସମ୍ମିଳନୀ ଅନୁଷ୍ଠିତ ହେବ । ଏହାର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ମାତୃ ବିହାରର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ନବ ଜୀବନ ଶିକ୍ଷା କେନ୍ଦ୍ରର ସମ୍ପାଦକ ପ୍ରସାଦ ତ୍ରିପାଠୀ ଏହି ବୈଠକରେ ଯୋଗ ଦେଇ ସମ୍ମିଳନୀର ସଫଳତା ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ରାଜ୍ୟ ଆବାହିକା ଡାକ୍ତର ବିଜୟିନୀ ମହାପାତ୍ର, ବାଲେଶ୍ୱର ପାଠଚକ୍ରର ଶରତ ଚନ୍ଦ୍ର ଘୋଷ, ରାଜ୍ୟ ପାଠଚକ୍ର ସଂଗଠକ ସରୋଜ କୁମାର ପଟ୍ଟନାୟକ, ନବଜୀବନ ଶିକ୍ଷା ସଂସଦର ସଦସ୍ୟ ଶଶିକାନ୍ତ ଭୋଇ, ଜିଲା ସଂଗଠିକା ଜୟନ୍ତୀ ସର୍ଦ୍ଦାର, ସୁଷମା ପରିଡା, ଜୟକୃଷ୍ଣ ଜେନା, ଦୈତାରୀ ଶିଅଲ, ମଧୁସୂଦନ ଦଣ୍ଡପାଟ, ପବିତ୍ର ମୋହନ ବେହେରା, ତିଳୋତମା ପଟ୍ଟନାୟକ ଓ କରୁଣାକର ବିଶ୍ୱାଳଙ୍କ ସମେତ ବହୁ ସଂଗଠିକା ସଂଗଠକ ଯୋଗଦେଇ ଆଲୋଚନାରେ ଭାଗ ନେବା ସହିତ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ମାତୃ ବିହାର ପରିଚାଳନା କମିଟି ପକ୍ଷରୁ ଭରତ ଚନ୍ଦ୍ର ବରାଳ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ । ସରୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ଜିଲାର ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ସମାଧୀ ମନ୍ଦିର ମାନଙ୍କର ପ୍ରତିନିଧି ରୂପେ ବହୁ ଅପାଭାଇ ବୈଠକରେ ଯୋଗ ଦେଇଥିଲେ ।

# କାମରେ ଲାଗୁନି ଶୌଚାଳୟ

ଉଦଳା,୨୯।୫(ଡି.ଏନ.ଏ)



ଅବ୍ୟବହୃତ ହୋଇ ପଡିରହିଥିବା ଶୌଚାଳୟ।

ଉଦଳା ଏନଏସିର ମୁଖ୍ୟ ହାଇସ୍କୁଲ ଛକ ଏବଂ ମେଡିକାଲ ରାସ୍ତାରେ ନିର୍ମାଣ ହୋଇଥିବା ବ୍ୟୟ ବହୁଳ ଶୌଚାଳୟ ସର୍ବସାଧାରଣଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ନିର୍ମାଣର ୫ ମାସରୁ ଅଧିକ ଦିନ ବିତିଯାଇଥିଲେ ମଧ ଏହି ଶୌଚାଳୟ ଖୋଲାଯାଇ ନାହିଁ । ଏ ସଂପର୍କରେ ଉଦଳା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଖୁବଶୀଘ୍ର ଶୌଚାଳୟ ଖୋଲାଯିବ ବୋଲି ସଫେଇ ଦେଉଥିବା ବେଳେ ବିଭିନ୍ନ ଆଳ ଦେଖାଇ ଦିନ ଗଡେଇ ଚାଲିଛନ୍ତି। ନିର୍ବାଚନ ଆଚରଣବିଧିକୁ ଦ୍ୱାହି ଦେଇ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ଉପରୁ ଦୋଷ ଛଡାଇ ଦେଇଥିବା ବେଳେ ଶୌଚାଳୟ ଖୋଲା ନ ଯିବା ପଛରେ କେଉଁ କାରଣ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ଉଦଳା ହାଇସ୍କୁଲ ଛକରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଏହି ଶୌଚାଳୟ ଖୋଲା ଯାଇ ନ ଥିବାରୁ କଟକ, ଭୁବନେଶ୍ୱର ରାତ୍ରି ଯାତ୍ରୀବାହୀ ବସର ଯାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସେହିଭଳି ଉଦଳା ଉପଖଣ୍ଡ ଡାକ୍ତରଖାନାର ଦୈନନ୍ଦିନ ଶହ ଶହ ରୋଗୀ ଏବଂ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଶୌଚାଳୟ ମଧ୍ୟ ବନ୍ଦ ରହିଛି। ଦୈନନ୍ଦିନ ରୋଗୀଙ୍କ ସମ୍ପର୍କୀୟମାନେ ଉଦଳା ୧ ନମ୍ବର ୱାର୍ଡରେ ଥିବା ବନ୍ଧ କିମ୍ବା ମହାଦେବ ମନ୍ଦିର ପୋଖରୀକୁ ଗାଧୋଇ ଯିବା ସହିତ ଶୌଚ କରିବାକୁ ଯିବା ନେଇ ସାଧାରଣରେ ଅସନ୍ତୋଷ ବଢି ଚାଲିଛି। ଏହି ଶୌଚାଳୟ ନିର୍ମାଣ ହେବାର ଦୀର୍ଘ ଦିନ ପରେ ନ ଖୋଲିବାରୁ ଉଦଳା ସହରାଞ୍ଚଳ ତଥା ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଗ୍ୟାସ ସିଲିଣ୍ଡର ଫାଟି ୨ ବଖରା ଜଳିଗଲା

ରାଇରଙ୍ଗପୁର,୨୯।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଥାନା ପୁରୁଣାଘାଟି ବସ୍ତି ଅଞ୍ଚଳରେ ବୁଧବାର ଗ୍ୟାସ ସିଲିଣ୍ଡର ଫାଟି ୨ ବଖରା ଘର ପୋଡିଯାଇଛି। ପୁରୁଣାଘାଟି ଗ୍ରାମର ରାଜ କୁମାର ବେହେରାଙ୍କ ପରିବାର ଲୋକେ ଘରେ ତାଲା ପକାଇ କେଉଁଆଡେ ଯାଇଥିବା ବେଳେ ହଠାତ ତାଙ୍କ ଘରେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଦମକଳ କେନ୍ଦ୍ରକୁ ଫୋନ କରିବାରୁ ରାଇରଙ୍ଗପୁରରୁ ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁ ଲିଭାଇଥିଲେ। ଗ୍ୟାସ ସିଲିଣ୍ଡର ଫାଟି ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ଦୁଇବଖରା ଘର ସମେତ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ପୋଡି ଭସ୍ମୀଭୂତ ହୋଇଯାଇଛି।

# ମଣ୍ଡିରେ କିଣାଯାଉନି ଚିନାବାଦାମ, ମୁଗ, ବିରି

## ଚାଷୀ ହତାଶ, ଆନ୍ଦୋଳନ ପାଇଁ ସଜବାଜ

ବାଲିଆପାଳ,୨୯।୫(ଡି.ଏନ.ଏ.)

ଚାଷୀମାନେ ଉତ୍ପାଦନ କରୁଥିବା କୃଷିଜାତ ସାମଗ୍ରୀ ବିକ୍ରି କଲଶ ବେଳେ ଯେପରି ସବୁଧା ଓ ପ୍ରୋତ୍ସାହନପାଇବା କଥା ତାହା ମିଳୁନାହିଁ । ଏହା ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଉଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଚାଷୀ ଚିନାବାଦାମ, ମୁଗ, ବିରି ଆଦି ଚାଷ କରିଥଲେ ମଧ ଏହାକୁ ଉଚିତ ଦରରେ ବିକି ନ ପାରି ଆଭାବୀ ବିକ୍ରିର ସମ୍ମୁଖୀନ ହେଛନ୍ତି। କୃଷି ଓ ସମବାୟ ବିଭାଗ ନୀରବ ଦ୍ରଷ୍ଟା ସାଜି ବସିଥିବାରୁ ଚାଷୀମାନେ ସଂଗଠିତ ହୋଇ ଆନ୍ଦୋଳନ କରିବାକୁ ସଜବାଜ ହେଥବବା ସୂଚନା ମିଳିଛି। ଏପରି କି ସରକାରଙ୍କ ପକ୍ଷରୁ ମଣ୍ଡି ଖୋଲି ଏସବୁ କୃଷିଜାତ ଦ୍ରବ୍ୟ କିଣା ଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ବାଲିଆପାଳ ବ୍ଲକର ଖରିଫ ଧାନ ଚାଷ ପରେ ଅର୍ଥକାରୀ ଫସଲଭାବେ ଚାଷୀମାନେ ଚିନାବାଦାମ, ମୁଗ ଓ ବିରି ଚାଷ କରିଥାଆନ୍ତି। ସମୁଦ୍ର ତଟବର୍ତ୍ତୀ ବଡ଼ାସ, ପ୍ରତାପପୁର, ଜଗତୀପୁର, ରତାଇ, ପଞ୍ଚୁପାଳି, ଜମ୍ଭୀରାଇ, ନୂଆଗାଁ, ଅଳାଡ଼ିହା, ବେତଗଡ଼ିଆ, ଡଗରା ଓ ଚୌମୁଖ ଆଦି ପଞ୍ଚାୟତ ସମେତ ସୁବର୍ଣ୍ଣରେଖା ତଟବର୍ତ୍ତୀ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଦେଭୋଗ, ଘଣ୍ଟୁଆ, ଅସ୍ତି, ମଧୁପୁରା, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡ ଆଦି ପଞ୍ଚାୟତରେ ପର୍ଯ୍ୟାପ୍ତ ପରିମାଣ ଚିନାବାଦାମ ଚାଷ ହୋଇଥାଏ। ଚଳିତବର୍ଷ ୩ହଜାର ୫ଶହ ହେକ୍ଟର ଜମିରେ ଚିନାବାଦାମ ଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାଯାଇଛି। ଏକର ପ୍ରତି ୮ରୁ ୧୦କୁଇଣ୍ଟାଲ ହିସାବରେ ବାଦାମ ଅମଳ ହେଉଥିବାରୁ ଏଥର ବ୍ଲକରେ ୪୦ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ବାଦାମ ଅମଳ ହେବା ସମ୍ଭାବନା ରହିଛି। ସେହିପରି ସୁବର୍ଣ୍ଣରେଖା ତଟବର୍ତ୍ତୀ ୯ଟି ପଞ୍ଚାୟତରେ ୧୦ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ମୁଗ ଓ ବିରି ଅମଳ ହୋଇଛି। ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟ ଚିନାବାଦାମ ୪୪ ଟଙ୍କା ୫୦ପଇସା, ମୁଗ ୫୫ଟଙ୍କା ୭୫ପଇସା ଓ ବିରି ୫୪ଟଙ୍କାରେ କିଣିବାପାଇଁ ଗତ ୨୫ ତାରିଖରେ ମାର୍କଫେଡ଼ର ଏମ.ଡ଼ି. ତଥା ଯୁଗ୍ମ ନିର୍ଦ୍ଦେଶକ, ବାଲେଶ୍ୱର ଏ.ଆର.ସି.ଏସ୍. ଜଳେଶ୍ୱର ଆର.ଏମ.ସି ସମ୍ପାଦକ ପ୍ରମୁଖ ବାଲିଆପାଳ ଆସିଥିଲେ। ଏହି ଅବସରରେ ଦେଭୋଗ ସମବାୟ ସମିତିରେ ମୁଗ ବିରି କିଣିବାପାଇଁ ଏକ ମଣ୍ଡି ଏବଂ ଡଗରା ସେବାସମବାୟ ସମିତିରେ ଚିନାବାଦାମ କିଣିବାପାଇଁ ଗୋଟିଏ ମଣ୍ଡିକୁ ଉଦ୍‌ଘାଟନ କରାଯାଇଥିଲା। ହେଲେ ଅଦ୍ୟାବଧି ଏହି ମଣ୍ଡିରୁ ମୁଗ, ବିରି କିମ୍ବା ଚିନାବାଦାମ ଚାଷୀଙ୍କଠାରୁ କିଣାଯାଇ ପାରି ନାହିଁ। ଏନେଇ ଚାଷୀମାନେ ପଚାରି କାହାଠାରୁ କିଛି ଉତ୍ତର ପାଉ ନ ଥିବାରୁ ଦ୍ୱନ୍ଦ୍ୱରେ ପଡିଛନ୍ତି । ଏଭଳି ପରିସ୍ଥିତିରେ କେତେକ ଚାଷୀ ଋଣ ଶୁଝିବା ଏବଂ ଖର୍ଚ୍ଚ ମେଣ୍ଟାଇବା ପାଇଁ ବେପାରୀମାନଙ୍କୁ କମ୍ ଦାମରେ ମୁଗ,ବିରି ଓ ଚିନିବାଦାମ ବିକ୍ରି କରୁଥିବା କହିଛନ୍ତି। ସେହିପରି ଦେଭୋଗ ସେବାସମବାୟ ସମିତିରେ ମୁଗ,ବିରି କିଣିବାପାଇଁ ଏକ ହଜାର ଖାଲି ବ୍ୟାଗ ଯୋଗାଇ ଦିଆଯାଉଥିଲେ ମଧ ସେଠାରେ ଅନୁରୂପ ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ।ସମସ୍ୟାର ତୁରନ୍ତ ପ୍ରତିକାର ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରମୁଖ ଚିନାବାଦାମ ଚାଷୀ ନିଳାମ୍ବର ସାହୁ, ପିତାମ୍ବର ସାହୁ, ବାସନ୍ତି ସାହୁ, ସୃଷ୍ଟିଧର ସାହୁ, ଗଙ୍ଗାଧର ସାହୁ, କୃତିବାସ ଦେ, ବିଜୟ ଜେନା, ପ୍ରଦିପ ସାହୁ, ଏବଂ ମୁଗ ଓ ବିରି ଚାଷୀ ବିଜୟ କୁମାର ଜେନା,ସନ୍ନ୍ୟାସୀ ରାଉଳ,ସନ୍ନ୍ୟାସୀ ମାଣିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ବାବଦରେ ବାଲିଆପାଳ କୃଷି ଅଧିକାରୀ ଶ୍ରଦ୍ଧା ହୋତାଙ୍କୁ ପଚାରିବାରୁ ଏକହିଛନ୍ତି, ଏ ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ନିର୍ଦ୍ଦେଶ ଆସିଲେ ସଙ୍ଗେସଙ୍ଗେ ଏହା କାର୍ଯ୍ୟକାରୀ ହେବ।

# ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦଘାଟିତ

ବାରିପଦା ଅଫିସ,୨୯।୫


ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବାରିପଦା ସହର ଉପକଣ୍ଠ ସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ ପରିସରରେ ବୁଧବାର ଏକ ସ୍ଥାୟୀ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଛି। ବାରିପଦା ମଣ୍ଡଳ ମାରୱାଡି ଯୁବମଞ୍ଚ ତରଫରୁ ଝରଣା ଦେବୀ ସାହାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଜଳ ପ୍ରକଳ୍ପ ଉଦଘାଟିତ ହୋଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ମାରୱାଡି ଯୁବମଞ୍ଚର ସଦସ୍ୟ ହେମନ୍ତ ସାହା, ଶାଖା ଉପସଭାପତି ସଞ୍ଜୟ ସରାଇବାଲା ଓ ଅମୃତଧାରାର ସଂଯୋଜକ ଜିତେଶ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ଖରାଦିନେ ଜନସାଧାରଣ ଉପକୃତ ହେବେ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧ ମୃତ

ଝୁମ୍ପୁରା/କେନ୍ଦୁଝର, ୨୯।୫ ଡି.ଏନ.ଏ./ସ୍ୱ.ପ୍ର.)-କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ବାରିଆ ଗ୍ରାମର ନାଏକ ସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଷଧର ସାପ କାମୁଡାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପ୍ରାଣବନ୍ଧୁ ନାଏକ (୬୪ବର୍ଷ)। ପ୍ରାଣବନ୍ଧୁ ନିଜ ଘରେ ଶୋଇଥିବା ବେଳେ, ବିଳମ୍ବିତ ରାତିରେ ତାଙ୍କୁ ଏକ ଚିତି ସାପ କାମୁଡି ଦେଇଥିଲା। ନିଦ ଭାଙ୍ଗି ଯିବାରୁ ସେ ଉଠି ପଡି ପାଟି କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନା ନିଆଯାଇଥିଲା ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଥାନାରେ ଏକ ମାମଲା (ନଂ ୫/୨୦୧୯) ରୁଜୁ କରାଯାଇଛି। ରିପୋର୍ଟ ହେବା ପରେ ବାରିଆ ପୋଲିସ କେନ୍ଦୁଝର ଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଜୁରୁଡ଼ି ଅଞ୍ଚଳରେ ବୁଲୁଛନ୍ତି ୧୭ ହାତୀ



ଯୋଡ଼ା,୨୯।୫ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡ଼ା ବନପାଳଙ୍କ ଅଞ୍ଚଳରେ ୧୭ଟି ହାତୀ ଘୁରିବୁଲୁଥିବା ଖବର ହସ୍ତଗତ ହୋଇଛି। ଯୋଡ଼ା ବନପାଳ ପିଅନ ନାଏକଙ୍କ ସୂଚନା ମୁତାବିକ ଜୁରୁଡ଼ି ଖଣି ଅଞ୍ଚଳରେ ୧୭ଟି ହାତୀ ପ୍ରାୟ ଏକ ମାସ ଧରି ବିଭିନ୍ନ ଖଣି ସଂଲଗ୍ନ ଜଙ୍ଗଲରେ ବୁଲୁଛନ୍ତି। ଜଙ୍ଗଲ ଭିତରକୁ ଯିବା ପାଇଁ ରାସ୍ତା ପାଉ ନ ଥିବାରୁ ହାତୀପଲ ଜୁରୁଡ଼ି ସନ୍ନିକଟ କେଏମସି ଖଣି ଅଞ୍ଚଳ, ଖଣ୍ଡବନ୍ଧ ଖଣି ଅଞ୍ଚଳ, ଜୋରିବାହାଲ ଖଣି ଅଞ୍ଚଳମାନଙ୍କରେ ବିଚରଣ କରୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଜଲହରି ବସ୍ତି ଅଞ୍ଚଳରେ ଥିବା ରେଳଧାରଣା ନିକଟରେ ହାତୀପଲ ବିଚରଣ କରୁଥିଲେ। ଏମାନଙ୍କୁ ଘଉଡ଼ାଇବା ପାଇଁ ବନପାଳଙ୍କ ନେତୃତ୍ୱରେ ହାତୀ ସ୍କ୍ୱାଡ, ବନରକ୍ଷୀ ନିୟୋଜିତ ହୋଇଥିଲେ। ଗାଁ ଲୋକେ ମଧ ହାତୀ ଭୟରେ ନିଆଁ ଜାଳି ରାତି ଉଜାଗର ରହିଥିବା ମଟକା ମୁଣ୍ଡା, ସୋରେନ ମୁଣ୍ଡା, ଜଟ ମୁଣ୍ଡା ପ୍ରମୁଖ କହିଛନ୍ତି। ତେବେ ବନବିଭାଗ ପକ୍ଷରୁ ହାତୀଙ୍କୁ ସୁରକ୍ଷା ଦେବା ଲାଗି ଖଣିରେ ଥିବା ଉଚ୍ଚ ଶକ୍ତି ସମ୍ପନ୍ନ ଲାଇଟ, ବାରୁଦ ବିସ୍ଫୋରଣ, ଖଣିଜ ପରିବହନକୁ ବନ୍ଦ କରିବା ପାଇଁ ଚିଠି ଦିଆଯାଇଥିବା ବନପାଳ ପିଅନ ନାଏକ କହିଛନ୍ତି। ଏତଦବ୍ୟତୀତ ବନବିଭାଗ ଓ ରେଳବାଇ ମଧରେ ସମନ୍ୱୟ ରକ୍ଷା କରାଯାଇ ହାତୀବୁଲୁଥିବା ରେଳଧାରଣାରେ ରେଳ ଚଳାଚଳକୁ ସୀମିତ କରିବା ପାଇଁ କୁହାଯାଇଛି।

### ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ହାଟଡିହୀ, ୨୯ । ୫ (ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଏଥିରେ ସବର୍ଣ୍ଣ ସାହିର ପ୍ରସନ୍ନ ନାୟକ ଗୁରୁତର ଆହତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ୩ଦିନ ପୁରିସାରିଥିଲେ ବି କୌଣସି ଅଭିଯୁକ୍ତ ଅଦ୍ୟାବଧି ଗିରଫ ହୋଇନାହାନ୍ତି। ଅପରପକ୍ଷେ ଗୁରୁତର ଆହତ ପ୍ରସନ୍ନଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ରହିଛି। ଆନନ୍ଦପୁର ଡିଏସପି ବିଦ୍ୟୁତ ଚନ୍ଦ୍ର ପଣ୍ଡା ଘଟଣାକୁ ଗୁରୁତର ସହ ନେଇଛନ୍ତି । ପରିସ୍ଥିତିର ଅଧିକ ଅନୁଧାନ କରିବା ସହ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି।

### କାଳବୈଶାଖୀରେ ୩ଗୋରୁ ମୃତ

ତେଲକୋଇ, ୨୯।୫(ଡି.ଏନ.ଏ.)-ଗତ ମଙ୍ଗଳବାର ସନ୍ଧ୍ୟା ସମୟ କାଳବୈଶାଖୀ ଓ ବଜ୍ରପାତ ହୋଇଥିଲା। ଏଥିରେ ଶିବନାରାୟଣପୁର ଗୋଡା ମୁଣ୍ଡା ସାହିର ଲଳିତା ହୋ ଙ୍କର ଏକ ଗୋରୁ ପ୍ରାଣ ହୋଇଥିବା ବେଳେ ଦେଉଳଡିହା ଗ୍ରାମରେ ୩୨ଗୋରୁଙ୍କର ମୃତ୍ୟୁ ହୋଇଛି । ସେହିପରି ତାଳପଦା, ଗୁରୁମ ଗ୍ରାମରେ ବହୁ ଘରର ଆଜବେଷ୍ଟ ଉଡିଯାଇଛି। ବୁଧବାର ଏନେଇ ତହସିଲ ଅଫିସରେ ପଲିଥିନ ପାଇଁ ତହସିଲ ଅଫିସରେ ଦାବି କରିଛନ୍ତି। ସ୍ଥାନୀୟ ରାଜସ୍ୱ ଅଧିକାରୀ ତୁରନ୍ତ ଉକ୍ତ ଗ୍ରାମକୁ ଯାଇ ଲୋକ ମାନଙ୍କ କ୍ଷୟକ୍ଷତି ଆକଳନ କରି ସହାୟତା ଦେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି ।

# ରାସ୍ତାରେ ପିଲେଟ ନେଉଛି ଜୀବନ

ଯୋଡ଼ା, ୨୯।୫(ଡି.ଏନ.ଏ.)



ଯୋଡ଼ା ରାସ୍ତାରେ ପଡ଼ିଥିବା ପିଲେଟ।

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ଯୋଡ଼ା-ବାମେବାରୀ ରାଜ୍ୟରାଜପଥ ନଂ ୨ରେ ପ୍ରବଳମାତ୍ରାରେ ପିଲେଟ ପଡ଼ି ରାସ୍ତାଟି ଏକ ମରଣଯନ୍ତାରେ ପାଲଟିଛି। କ୍ରମାଗତ ଭାବେ ଏହିପରି କେନ୍ଦୁଝର ଜିଲାରେ ଘଟିଚାଲିଛି। ବାରମ୍ବାର ଏହି ଖବର ପ୍ରକାଶ ପାଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଲୁହାପଥର ଗୋଲି ବା ପିଲେଟ ଅତି ପିଚ୍ଛିଳ ଗୋଲାକାର ହୋଇଥିବାରୁ ପାଦଚଲା ପଥଚାରୀଙ୍କ ଠାରୁ ଆରମ୍ଭ କରି ଦୁଇ ଚକିଆ ଯାନ ସମେତ ବଡ଼ ବଡ଼ ଗାଡ଼ି ମଧ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହି ପିଲେଟ ଯୋଗୁ ସର୍ବାଧିକ ବାଇକ୍ ଦୁର୍ଘଟଣା ଘଟୁଛି। ପିଲେଟ ଉପରେ ପାଦ ପଡ଼ିଗଲେ ପଥଚାରୀମାନେ ପଡ଼ିଯାଉଛନ୍ତି।

ବାମେବାରୀ-ଯୋଡ଼ା ମଧରେ ଚାଲୁଥିବା କମାଣ୍ଡର ଜିପର ମାଲିକ ଭାଗବତ ମାହାଲା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପିଲେଟ ଯୋଗୁଁ ଦୁର୍ଘଟଣାର ଭୟ ବହୁତ। ଗୋଲାକାର ଲୁହାଗୋଲି ହୋଇଥିବାରୁ ଗାଡ଼ିର ଚକ ଖସିଯାଉଛି, ବ୍ରେକ ମଧ ଧରୁ ନାହିଁ। ଯାତ୍ରୀମାନଙ୍କ ମଧରୁ ସୁଶାନ୍ତ

**ଲୋକେ ଅସନ୍ତୋଷ**

ଗିରି, ସୂର୍ଯ୍ୟମଣି ଗୋପ, ପ୍ରଦ୍ୟୁମ୍ନ ମହାନ୍ତ, ନରହରି ପାତ୍ର ପ୍ରମୁଖ କହିଛନ୍ତି ଯେ, ଯୋଡ଼ା-ଜୁରୁଡ଼ି-ବାମେବାରୀ ରାସ୍ତାରେ ଲୁଟେରା ଓ ବନ୍ୟଜନ୍ତୁଙ୍କ ଠାରୁ ଅଧିକ ଭୟ ପିଲେଟ। ରାସ୍ତାରେ ପଡ଼ି ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ଯେ,କେଉଁ ମୂହୁର୍ତ୍ତରେ ଦୁର୍ଘଟଣା ଘଟୁଛି ତହା କହି ହେଉ ନ ଥିବା ପ୍ରକାଶ କରିଛନ୍ତି। ପିଲେଟକୁ ନେଇ ଅତୀତରେ ବହୁ ଆନ୍ଦୋଳନ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଚମ୍ପୁଆ ଉପଜିଲାପାଳ କିଛି ସର୍ତ୍ତମୂଳକ କଟକଣା ପୋଲିସ ଉପସ୍ଥିତିରେ ପରିବହନକାରୀ ଠିକାଦାରମାନଙ୍କୁ ଜାରି କରାଯାଇଥଲା। ହେଲେ ବର୍ତ୍ତମାନ ଏହି ପିଲେଟ ପରିବହନକାରୀ ସଂସ୍ଥାମାନେ ନିୟମକୁ ଉଲ୍ଲଂଘନ କରି ଅଞ୍ଚଳର କିଛି ଅସାଧୁ ପୋଲିସକୁ ହାତବାରିଶି କରି ପିଲେଟ ପରିବହନ କରୁଛନ୍ତି। ତେଣେ ପ୍ରତିଦିନ ବଡ଼ବିଲ ଠାରୁ ବାଂଶପାଣି, ଜୁରୁଡ଼ି ରେଳସାଇଡିଂକୁ ଶହ ଶହ ଟ୍ରକ ପିଲେଟ ପରିବହନ ହେଉଛି। ଏକ ହିସାବରୁ ଜଣାପଡ଼ିଛି ଯେ,ଏହି ରାସ୍ତାରେ ପ୍ରାୟ ୬ରୁ ୭ମେଟ୍ରିକ ଟନ ପିଲେଟ ଦୈନିକ ରାସ୍ତାରେ ପଡୁଛି ଯାହାର ଆନୁମାନିକ ମୂଲ୍ୟ ପ୍ରାୟ୪୦ହଜାର ଟଙ୍କାରୁ ଅଧିକ ହେବ ବୋଲି ଖଣି ବିଶେଷଜ୍ଞମାନେ ମତ ଦେଇଛନ୍ତି। ପ୍ରତି ମେଟ୍ରିକ ଟନ ପିଛା ପିଲେଟର ମୂଲ୍ୟ ୬ ହଜାର ଟଙ୍କାରୁ ଅଧିକ ହେବ। ସୂଚନାଯୋଗ୍ୟ ଯେ,ପ୍ରଶାସନ ପିଲେଟ ପରିବହନ ଉପରେ ଆବଶ୍ୟକୀୟ ପଦକ୍ଷେପ ନ ନେଲେ ପ୍ରତିଦିନ ପିଲେଟ ନଷ୍ଟ ହେବା ସହ ଧନଜୀବନ ହାନୀ ବୃଦ୍ଧି ପାଇବ। ଏ ସମ୍ପର୍କରେ କେନ୍ଦୁଝର ଏସ୍‌ପି ଜୟନାରାୟଣ ପଙ୍କଜ ଉଦବେଗ ପ୍ରକାଶ କରି କହିଛନ୍ତି ଯେ, ଜିଲା ପୋଲିସ ଦୁର୍ଘଟଣା ରୋକିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନେଉଛନ୍ତି। ଖୁବ ଶୀଘ୍ର ପିଲେଟ ପରିବହନ କରୁଥିବା ଟ୍ରକ, ଡମ୍ପର ଗୁଡ଼ିକରେ ସମ୍ପୂର୍ଣ୍ଣ ଘୋଡ଼ଣୀର ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବାକୁ ଦାବି ହୋଇଛି।

## ନବାଗତ ଲୋକ ପ୍ରତିନିଧିଙ୍କୁ ଶୁଭେଚ୍ଛା

କେନ୍ଦୁଝର, ୨୯।୫ (ସ୍ୱ.ପ୍ର.)

ଚଳିତ ନିର୍ବାଚନରେ ନିର୍ବାଚିତ ହୋଇଥିବା ଲୋକସଭା ଓ ବିଧାନସଭାରେ ନିର୍ବାଚିତ ଶାସକ ଦଳର ଲୋକ ପ୍ରତିନିଧିଙ୍କୁ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି । କେନ୍ଦୁଝର ଲୋକସଭା ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ସର୍ବ କନିଷ୍ଠ ଏମ୍‌ପି ହୋଇଥିବାରୁ ଜିଲା ପାଇଁ ଗୌରବର ବିଷୟ ହୋଇଛି। ସେହିପରି ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କୁ ମନ୍ତ୍ରୀ ପଦ ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି। ଶିକ୍ଷା ତଥା ଅନ୍ୟାନ୍ୟ କ୍ଷେତ୍ରରେ କେନ୍ଦୁଝର ଜିଲାକୁ ଅଗ୍ରଣୀ କରାଇବାରେ ବୋଲି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ, ଜିଲା ସଭାପତି ଅନାଦି ଚରଣ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ନନ୍ଦ, ଉପସଭାପତି ଲକ୍ଷ୍ମୀଧର ବେହେରା, ଜିଲା ମୁଖ୍ୟ ସଂଯୋଜକ ବାବୁଲାଲ ପଲେଇ, ସମ୍ପାଦକ ହରିପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ବିଜୟ କୁମାର ପଲେଇ, ଉପସଭାପତି ଚତୁର୍ଭୁଜ ପ୍ରଧାନ ବଳରାମ ପରିଡା, ସୁରେନ୍ଦ୍ର ସାହୁ ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି। ଜିଲାର ଶିକ୍ଷା ସମସ୍ୟା ନେଇ ଖୁବ ଶୀଘ୍ର ସେମାନଙ୍କୁ ସାକ୍ଷାତ କରି ଅବଗତ କରାଇବେ ବୋଲି କହିଛନ୍ତି।

## ରାସ୍ତା କାମରେ ଅନିୟମିତତା

■ ଆଦିବାସୀ ଅଞ୍ଚଳରେ ସୁଧୁରୁନି ଗମନାଗମନ ବ୍ୟବସ୍ଥା

କେନ୍ଦୁଝର, ୨୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଉପଯୁକ୍ତ ତଦାରଖ ଅଭାବ ଯୋଗୁ ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ରାସ୍ତା ନିମ୍ନମାନର ହେଉଥିବାରୁ ରାସ୍ତା କମ ଦିନରେ ଭାଙ୍ଗୁଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ବଢୁଛି। ରାସ୍ତା କାମରେ ମଧ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଉଛି । କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ରାସ୍ତା ଅବସ୍ଥା ପୂର୍ବ ଅପେକ୍ଷା ଅଧିକ ଖରାପ ହୋଇ ଅସୁରକ୍ଷିତ ହୋଇ ପଡୁଥିବା ଅଭିଯୋଗ ହେଉଛି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକ ଅଞ୍ଚଳରେ ଏଭଳି କାମ ବେଧଡକ ଚାଲିଥିଲେ ହେଁ ଭିଜିଲାନ୍ସ ବିଭାଗ କିମ୍ବା ଜିଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ଦୁର୍ନୀତି ବୃଦ୍ଧି ପାଇବାରେ ଲାଗିଛି । ସେହିପରି କାମ ବିଳମ୍ବ କରୁଥିବା ବା ନିମ୍ନମାନର କାମ କରୁଥିବା ଠିକାଦାରଙ୍କୁ କଳାତାଲିକାଭୁକ୍ତ କରିବା ବ୍ୟବସ୍ଥା ଥିଲେ ହେଁ କରାଯାଉ ନାହିଁ। ଜିଲା ପ୍ରଶାସନ ଭିଜିଲାନ୍ସ ବିଭାଗ ଦ୍ୱାରା ସମସ୍ତ କାର୍ଯ୍ୟର ତଦନ୍ତ ଆଦେଶ କଲେ କୋଟି କୋଟି ଟଙ୍କାର ଘୋଟାଲା ପଦାକୁ ଆସିପାରିବ ବୋଲି ଆଦିବାସୀ ନେତା ଓ ସ୍ଥାନୀୟ ଅଧିବାସୀମାନେ ଦାବି କରିଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ହାଟଡିହି, ୨୯।୫ (ସ୍ୱ.ପ୍ର./ଡି.ଏନ.ଏ.)



ଘଟଣାସ୍ଥଳରେ କେନ୍ଦୁଝର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ସୁନ୍ଦରାପାଳ ନିକଟରେ ଏକ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ହଟଡିହୀ ବ୍ଲକର ସୋସୋ ଥାନା ଅନ୍ତର୍ଗତ ବରାଙ୍ଗ ଗ୍ରାମର ପ୍ରକାଶ ଯେନା (୨୮)। ସେ ମଙ୍ଗଳବାର ସକାଳ ୮ ଟାରୁ ଘରୁ ଯାଇ ଆଉ ଫେରି ନଥିବା ପରିବାର ପକ୍ଷରୁ କୁହାଯାଉଛି। ମୃତକଙ୍କ ଶରୀରରେ କ୍ଷତ ଥିବାବେଳେ ସେଠାରେ ରକ୍ତ ଛିଟା ପଡିଥିବାର ଦେଖାଯାଇଛି। ପାରିପାର୍ଶିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି । କେନ୍ଦୁଝରରୁ ଏକ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରୁଛି। ଖୁବ ଶୀଘ୍ର ଏହାର ସତ୍ୟାସତ୍ୟ ଜଣାପଡିଯିବ ବୋଲି ସୋସୋ ପୋଲିସ ଅଧିକାରୀ ଗଗନ ନାୟକ ସୂଚନା ଦେଇଛନ୍ତି।

## ମହିଳାଙ୍କୁ ଗଣ ବଳାତ୍କାର ଅଭିଯୋଗ

ପାଟଣା, ୨୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ଧନୁର୍ଜୟପୁର ଅଞ୍ଚଳରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ଉକ୍ତଗ୍ରାମର ଦୁଇ ଜଣ ବ୍ୟକ୍ତି ପଡୋଶୀ ଘରର ଜଣେ ୨୭ ବର୍ଷିୟା ବିବାହିତା ମହିଳାଙ୍କୁ ହାଣ୍ଡିଆ ଚଲାଇ ଦେବାକୁ ଡାକି ଆଣି ଗଣ ବଳାତ୍କାର କରିଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। ବୁଧବାର ପୀଡିତା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଦୁହେଁ ହେଉଛନ୍ତି ଉକ୍ତ ଗ୍ରାମର ସନାତନ ମହାନ୍ତ ଓ ଅନୀଲ ମହାନ୍ତ। ପୀଡିତା ଙ୍କର ଡାକ୍ତରୀ ମାଇନା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଛି। ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳୀ ସାମନ୍ତରାୟ ଏକ ମାମଲା (ନଂ.୫୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଉଭୟ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

## ବିଷ ପିଇ ଗାଡ଼ି ଚାଳକ ଗୁରୁତର

ପାଟଣା,୨୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ତହସିଲର ଜଣେ ଗାଡିଚାଳକ ମଙ୍ଗଳବାର ସକାଳେ ବିଷପାନ କରି ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।ସେ ହେଉଛନ୍ତି ନନ୍ଦିଦୀପଦା ଥାନା ସସାଙ୍ଗ ଗ୍ରାମର ବିପିନ ବିହାରୀ ଭୁଁୟା(୫୫)। ତାଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦୁଝର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ ବିପିନ କାହିଁକି ବିଷ ପିଇଲେ ସେ ସମ୍ପର୍କରେ ତାଙ୍କ ସ୍ତ୍ରୀ କିଛି ସ୍ପଷ୍ଟ କରିନାହାନ୍ତି।

## କାଠ ବୋଝେଇ ଗାଡ଼ି ଜବତ, ଜଣେ ଗିରଫ



ଜବତ ହୋଇଥିବା କାଠବୋଝେଇ ଗାଡ଼ି।

କେନ୍ଦୁଝର, ୨୯।୫ (ସ୍ୱ.ପ୍ର.)

କେନ୍ଦୁଝର ସଦରରେ ବନ କର୍ମଚାରୀ ମଙ୍ଗଳବାର ରାତିରେ କେନ୍ଦୁଝର ସହର ନିକଟ ମଣ୍ଡୁଆ ନିକଟ ଅରଡେଇ ପୋଲ ଉପରୁ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ଗତ ମଙ୍ଗଳବାର ରାତି ପ୍ରାୟ ୨ଟା ସମୟରେ ଜଙ୍ଗିରା ଅଞ୍ଚଳରୁ କେନ୍ଦୁଝର ସହର ଅଭିମୁଖେ ଏକ କାଠ ବୋଝେଇ ଟାଟା ଏସି ଗାଡି ଆସୁଥିବା ନେଇ ବନ ବିଭାଗ ଖବର ପାଇବା ପରେ ସଦରରେ ପକ୍ଷରୁ ଏକ ସ୍କ୍ୱାର୍ଡ ମଣ୍ଡୁଆ ନିକଟ ଅରଡେଇ ପୋଲ ଉପରେ ଜଗି ରହିଥିଲେ। ରାତି ପ୍ରାୟ ୨ଟା ୩୦ରେ କାଠ ବୋଝେଇ ଟାଟା ଏସି ଗାଡିକୁ ଅଟକାଇ ଯାଞ୍ଚ କରିବା ବେଳେ ଚୋରା କାଠ ଆସିଥିବା ଜାଣିବା ପରେ ଗାଡିକୁ ଜବତ୍ କରିଥିଲେ। ଗାଡିର ଡ୍ରାଇଭର ତଥା ମାଲିକ ଶଙ୍କରପୁର ଅଞ୍ଚଳର ଗିରିଶ ଚନ୍ଦ୍ର ମହାନ୍ତ(୩୮)ଙ୍କୁ ବନ ବିଭାଗ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଉକ୍ତ ଗାଡିରୁ ମୋଟ ୨୩ ସିଫ୍ଟ ଶାଳ ଚଉକାଠ,ଶାଳ ପଟା ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଏନେଇ ଏକ ମାମଲା (ନଂ.୧୫କେ/୨୦୧୯) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

## କୌଳିକ ବୃତ୍ତିକୁ ମିଳୁନି ପ୍ରୋତ୍ସାହନ

ହାଟଡିହୀ, ୨୯।୫(ସ୍ୱ.ପ୍ର.)

ହାଟଡିହୀ ବ୍ଲକର ବହୁ ଗାଁରେ କାରିଗର ମାନେ ନିଜର ବାପଗୋସାପ କରିଆସୁଥିବା କୌଳିକ ବୃତ୍ତିକୁ ପେଷାକରି ଚଳିଆସୁଥିଲେ। ପୂର୍ବରୁ ହାତ ତିଆରି ଜିନିଷର ଆଦର ଥିଲା। ମେଳା ମଉଛ ବାହାଘର ବ୍ରତଘର ଆଦି ପର୍ବପର୍ବାଣୀରେ ଭଲ କାରବାର ହେଉଥିଲା ଏସବୁ ଜିନିଷର। ଏମିତିକି ଦୂର ସହରରୁ ବେପାରି ଆସି ଚଢାଦରରେ ନେଉଥିଲେ। କିନ୍ତୁ ସମୟ ବଦଳିଛି ଏହି ହାତ ତିଆରି ଜିନିଷର ଚାହିଦା କମି ଚାଲିଛି। ମିଳୁନି ଉପଯୁକ୍ତ ପାରିଶ୍ରମିକ। କଞ୍ଚା ମାଲର ଅଭାବ ରହିଛି। ଦୁଃଖ, କଷ୍ଟରେ କଟୁଛି କାରିଗରଙ୍କ ପରିବାର। ତଥାପି ଛାଡ଼ି ନାହାନ୍ତି ଏହି ବୃତ୍ତିକୁ।

ଏଭଳି ସଙ୍ଗୀନ ଦୃଶ୍ୟ ଦେଖିବାକୁ ମିଳିଛି ହାଟଡିହୀ ବ୍ଲକରେ। ହାଟଡିହୀ ବ୍ଲକର ବିଶେଷ କରି ହାଟଡିହୀ ଗାଁର ଡମ ସାହିର ଲୋକମାନେ ନିଜର କୌଳିକ ବୃତ୍ତିରେ ବାଉଁଶ ରୁ ବିଭିନ୍ନ ପ୍ରକାର ଜିନିଷ ଡାଲା, କୁଲା, ପାଛିଆ, ନାଳିଆ, ଖଇଚଲା, ଝୁଡି, ବିଞ୍ଚଣା, ଅନ୍ଧୁଲି, ଟୋକୁଲି ଆଦି ଘର ଉପକରଣ ତିଆରି କରି ଜୀବିକା ନିର୍ବାହ କରିଆସୁଥିଲେ। ସେହିପରି କୁମ୍ଭାର ସାହିର ଲୋକେ ମାଟି ତିଆରି କଳସୀ, ହାଣ୍ଡି, ସୁରେଇ, ପଲମ, ଠେକି, କୁମ୍ପି ଆଦି ଜିନିଷମାନ ନିଜ ଜ୍ଞାନ କୌଶଳରେ ତିଆରି କରି ବେଶ ଦିପଇସା ରୋଜଗାର କରି ଆସୁଥିଲେ । ଗୋପ ଘୁସୁରିଆ ସାହିରେ ଖଜୁରୀ ପତ୍ରରୁ ପଟିଆ, ଛାଞ୍ଚୁଣୀ, ଚଟେଇ ଓ ତାଳ ପତ୍ରରୁ ପଖିଆ, ଆସନ ତିଆରି କରି ଚଳୁଥିଲେ। କିନ୍ତୁ ସମୟ ବଦଳିଛି ପ୍ଲାଷ୍ଟିକ ବଜାରକୁ ଆସିବାପରେ ଏଗୁଡିକର ଚାହିଦା କମିଛି। କମ୍ପାନୀ ମାନେ ଏସବୁ ଜିନିଷ ପ୍ଲାଷ୍ଟିକରେ ତିଆରି କରି ଶସ୍ତାରେ ବିକ୍ରି କରୁଥିବାରୁ ହାତ ତିଆରି ଜିନିଷର ଆଦର କମୁଛି। ଏଣୁ ବୁଡିବାକୁ ବସିଲାଣି କାରୀଗରଙ୍କର କୌଳିକ ବୃତ୍ତି ମିଳୁନି ସରକାରୀ ପ୍ରୋତ୍ସାହନ ଓ ସୁବିଧାରେ ମିଳୁନି କଂଚାମାଲ । ପରିବାର ଚଳାଇବାକୁ ଏମାନଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଛି। ଅନିଶ୍ଚିତତା ମଧରେ ରହିଯାଇଛି ଶହଶହ ପରିବାରର ଜୀବିକା। ସେଥିଲାଗି ବାହାରକୁ ଦାଦନ ଖଟିବାକୁ କାରିଗରମାନେ ଯିବାକୁ ସଜ ହେଲେଣି। ଏମାନଙ୍କୁ ସରକାରୀ ସହାୟତା ମିଳୁ ନ ଥିବାରୁ ପୁରୁଣା କୌଳିକ ବୃତ୍ତି ଆଗକୁ ହରାଇବାକୁ ପଡ଼ିବ ବୋଲି ସଧାରଣରେ କୁହାଯାଉଛଇ। ତୁରନ୍ତ ସରକାର ଏମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେଇ ଆବଶ୍ୟକୀୟ ଭିତିଭୂମି ସୃଷ୍ଟିକରିବା ସଙ୍ଗେସଙ୍ଗେ ଉପଯୁକ୍ତ ପ୍ରୋତ୍ସାହନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## କାଳବୈଶାଖୀରେ ଭାଙ୍ଗିଲା ଘର



ଭାଙ୍ଗିଯାଇଥିବା ଘର।

ଚମ୍ପୁଆ,୨୯।୫(ଡି.ଏନ.ଏ.)

ମଙ୍ଗଳବାର କାଳ ବୈଶାଖୀ ତାଣ୍ଡବ ଯୋଗୁଁ ବାସୁଦେବପୁର ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ବର୍ଷା ସହ ପ୍ରବଳ ବେଗରେ ପବନ ହେବାରୁ ଗ୍ରାମର ତ୍ରିବନ ମୁଣ୍ଡା, ଗୀତା ତିହୁ, ଦାଶରଥି କାରୁଆଙ୍କର ଘର ଭାଙ୍ଗି ଯାଇଛି। ଏପରିକି ବଡ ବଡ ଗଛ ମଧ ଏହି ପବନରେ ଧରାଶାୟୀ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ବିଦ୍ୟୁତ ସରବରାହ ମଧ ପ୍ରଭାବିତ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଅପରାହ୍ନରେ ଘଣ୍ଟା ପ୍ରତି ୮୦ ରୁ ୧୦୦ କି.ମି. ବେଗରେ ପବନ ବହିବାରୁ ଏହି କ୍ଷୟକ୍ଷତି ହୋଇଛି।

## ପୋତିହୋଇ ପଡୁଛି ପୁରାତନ ପର୍ଶଳା ରଜାବନ୍ଧ

■ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ହୋଇନାହିଁ ପଙ୍କ ଉଦ୍ଧାର

ଚମ୍ପୁଆ, ୨୯।୫(ଡି.ଏନ.ଏ.)



ପୋତି ହୋଇ ପଡିଥିବା ପର୍ଶଳା ରଜାବନ୍ଧ ।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ପଞ୍ଚାୟତରେ ଥିବା ପୂରାତନ ପର୍ଶଳା ରଜାବନ୍ଧ ଏବେ ପୋତି ହୋଇ ସଙ୍କୁଚିତ ହୋଇଯାଇଥିବା ବେଳେ ଚାଷୀମାନେ କେବଳ ଇନ୍ଦ୍ର ଦେବତାଙ୍କ କୃପାରେ ଚାଷ କରୁଥିବା ସୂଚନା ଦେଇଛନ୍ତି। ଦୀର୍ଘ ଦିନ ଧରି ଏହି ବନ୍ଧର ପୁନରୁଦ୍ଧାର ହୋଇ ନଥିବା ବେଳେ ଉପରୁ ମୁଣ୍ଡରୁ ବୋହି ଆସୁଥିବା ବାଲି ଗୋଡି ଦ୍ୱାରା ବନ୍ଧଟି ନିଜ ସ୍ଥିତ ହଜାଇ ସାରିଲାଣି। ମାଛ ଚାଷ ପାଇଁ ପଞ୍ଚାୟତ ପକ୍ଷରୁ ଏହା ନିଲାମ କରାଯାଉଥିଲେ ମଧ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟବାସୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ପର୍ଶଳା ପଞ୍ଚାୟତର ସୀମାରେ ଅବସ୍ଥିତ ଏହି ଦୀର୍ଘକାୟ ବନ୍ଧଟି କାହିଁ କେଉଁ କାଳରୁ ଖୋଳାଯାଇଥିଲା। ଉଭୟ ପଟରେ ଏକର ଏକର ଚାଷ ଜମିକୁ ଏହି ବନ୍ଧରୁ ପାଣି ମଡାଯାଇ ଚାଷ କାର୍ଯ୍ୟ କରାଯାଉଥିଲା। ଏହି ବନ୍ଧ ଉପରେ ନିକଟସ୍ଥ ମାଙ୍କିଡିଆ ସାହି, ପର୍ଶଳା, ସିଜୁକଳା, ଗୁମୁରା, ସରୁପତଳା ଆଦି ଅଞ୍ଚଳର ଲୋକମାନେ ନିର୍ଭର କରି ଆସୁଛନ୍ତି। ଚାଷ କାର୍ଯ୍ୟ ପାଇଁ ଏହି ବନ୍ଧର ପାଣିକୁ ବ୍ୟବହାର କରୁଥିଲେ ମଧ ମଣିଷ ବୁଡିଯିବା ଭଳି ପାଣି ରହୁଥିବା ବେଳେ ଆଜି କାଦୁଅ ଭର୍ତ୍ତି ହୋଇ ଆଣ୍ଠୁଏ ପାଣି ରହିଛି। କିଛି ଦିନ ପୂର୍ବେ ବେଆଇନ ଭାବେ ଏହି ବନ୍ଧ କଟାଯାଇ ପାଣି ବାହାର କରିବା ସହିତ ମାଛ ଧରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିଲାମ ପ୍ରକ୍ରିୟା ଶେଷ କରି ପଞ୍ଚାୟତ ତାର କାର୍ଯ୍ୟ ନିର୍ବାହ କରୁଥିବା ବେଳେ ଏହାର ଉଦ୍ଧାର ପ୍ରତି ଦୃଷ୍ଟି ଦେଉନାହିଁ। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏ ବନ୍ଧର ପୁନଃଉଦ୍ଧାର କାର୍ଯ୍ୟ କରାଯାଇ ନାହିଁ। ପଞ୍ଚାୟତ ପକ୍ଷରୁ ଏହାର ଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରାଯାଇଥିଲା। ମାତ୍ର ଏହା ଆମ ଗାଁ ଆମ ବିକାଶ ଯୋଜନାରେ କରାଯିବାର ବ୍ୟବସ୍ଥା ରହିଛି ବୋଲି ଅଧିକାରୀମାନେ ସରପଞ୍ଚଙ୍କୁ ଜଣାଇଥିଲେ। ମେ ମାସ ଯାଇ ଜୁନ ମାସ ଆରମ୍ଭ ହେବାକୁ ବସିଲାଣି। ବର୍ଷା ଦିନେ ଏହାର ପୁନଃଉଦ୍ଧାର ଅସମ୍ଭବ ତେଣୁ ବର୍ଷା ଜଳ ସଂରକ୍ଷଣ ପାଇଁ ଏହାର ଉଦ୍ଧାର ଅତ୍ୟନ୍ତ ଆବଶ୍ୟକ ବୋଲି ସ୍ଥାନୀୟବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ମେ ୩୦/୨୦୧୯ Balasore, Thursday, May 30/ 2019




# ଆର୍‌ଆଇଙ୍କୁ ୨ବର୍ଷ ଜେଲଦଣ୍ଡ

**ବାଲେଶ୍ୱର ଅଫିସ,୨୯।୫**

ବାଲେଶ୍ୱର ଜିଲା ରେମୁଣା ତହସିଲ ସାହୁପଡ଼ା ସର୍କଲ୍‌ର ପୂର୍ବତନ ଆର୍‌ଆଇ ଭଗବାନ ଚନ୍ଦ୍ର ନାୟକ ଏକ ମ୍ୟୁଟେସନ୍ ରିପୋର୍ଟ ଦେବା ଲାଗି ପାଇଁ ୨ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ୨୦୦୯ ଏପ୍ରିଲ ୯ ତାରିଖରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ଅଫିସ୍ ପକ୍ଷରୁ ଏକ ମାମଲା (ନଂ. ୨୪/୨୦୦୯) ରୁଜୁ କରାଯାଇଥିଲା। ବାଲେଶ୍ୱର ଭିଜିଲାନସ୍‌ର ସ୍ୱତନ୍ତ୍ର ଜଜ୍ ଶାରଦା ପ୍ରସାଦ ନାୟକ ବୁଧବାର ଉକ୍ତ ମାମଲାରେ ବିଚାର କରି ଅଭିଯୁକ୍ତ ଭଗବାନଙ୍କୁ ୨ବର୍ଷ ଜେଲ୍ ଦଣ୍ଡ ସହ ୩ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ନ ଦେଲେ ୨ମାସ ଜେଲ୍ ଭୋଗିବାକୁ ପଡ଼ିବ। ମକଦ୍ଦମା ବିବରଣୀ ଅନୁଯାୟୀ ସଦର ଥାନା ଅଧୀନ ରେମୁଣା ତହସିଲ ସାହୁପଡ଼ା ସର୍କଲ ଅଧୀନ ପାଳପଦା ଗ୍ରାମର ଜୟନ୍ତ କୁମାର ପଣ୍ଡା ଏକ ଜମିବାଡ଼ି ମ୍ୟୁଟେସନ୍ ପାଇଁ ଆର୍‌ଆଇଙ୍କ ନିକଟକୁ ଯାଇଥିଲେ। ଏହି କାମ କରି ଦେବା ଲାଗି ତାଙ୍କୁ ବାରମ୍ବାର ଫେରାଇ ହରାଇରାଣ କରାଯିବା ପରେ ୨ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ତାଙ୍କୁ ଧରିବା ସକାଶେ ଜାଲ ବିଛାଯାଇଥିଲା। ଆରଆଇ ଏହି ଲାଞ୍ଚ ନେବା ବେଳେ ଧରିଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଡି.ଡି. ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।




## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ବାଲେଶ୍ୱର ଅଫିସ,୨୯।୫:** ବାଲଶ୍ୱର ରେଳଷ୍ଟେଶନ ପରିସରରେ ମଙ୍ଗଳବାର ରାତି ୧୦ଟା ସମୟରେ ୧୫୯୩୦ ନଂ. ଏକ୍ସପ୍ରେସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡି ନାହିଁ। ମଙ୍ଗଳବାର ରାତିରେ ଷ୍ଟେଶନର ୧ନଂ ପ୍ଲାଟଫର୍ମରୁ ଏହି ଟ୍ରେନ ମାତ୍ର ୫ଶହ ମିଟର ଦୂରଯିବା ପରେ ଏହି ଅଜଣା ବ୍ୟକ୍ତି ଧକ୍କାରେ ସମ୍ମୁଖୀନ ହୋଇଥିଲେ। ରେଳବାଇ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଳବାଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୫/୨୦୧୯) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଶବାଗାରରେ ଶୀତତାପ ନିୟନ୍ତ୍ରଣରେ ରଖାଯାଇଛି। ଶବ ଚିହ୍ନଟ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ରେଳବାଇ ପୋଲିସ ଏସ୍‌ଆଇ ସୁଶାନ୍ତି ସିଂ ପ୍ରକାଶ କରିଛନ୍ତି।

### ଗଛ ଡାଳ ପଡ଼ି ନାବାଳକଙ୍କ ମୃତ୍ୟୁ

**କେନ୍ଦୁଝର, ୨୯।୫ (ସ୍ୱ.ପ୍ର.):** ବାହାରକୁ ଶୌଚ କରିବାକୁ ଯାଇଥିବା ବେଳେ ଗଛର ଡାଳ ପଡିବାରୁ ଜଣେ ନାବାଳକ ପ୍ରାଣ ହରାଇଛନ୍ତି। କେନ୍ଦୁଝର ଜିଲା ସୀମା ଝାଡ଼ଖଣ୍ଡ ରାଜ୍ୟର ଜଗନ୍ନାଥପୁର ବ୍ଲକ ଛଣପଦା ଗ୍ରାମରେ ଏହି ଅଘଟଣ ଘଟିଥିଲା। ତାଙ୍କ ନାମ ଦେବାଶିଷ ବେହେରା (୧୫) ବୋଲି ଜଣାପଡିଛି। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାତି ୯ ଟାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

# ଡାଲୁଅ ଧାନର ଅଭାବୀ ବିକ୍ରି

**ରୂପ୍‌ସା,୨୯।୫(ଡି.ଏନ.ଏ.)**

- ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀଙ୍କ ଚେତାବନୀ
- ଫନୀ ପରେ ବେଡି ଉପରେ କୋରଡା ମାଡ଼
- ଧାନର କୁଇଣ୍ଟାଲ ପିଛା ଦର ୧୭୫୦ଥିବା ବେଳେ ବେପାରୀ କିଣୁଛନ୍ତି ୧୦୦୦ ଟଙ୍କାରେ

ବାଲେଶ୍ୱର ଜିଲାରେ ଡାଲୁଅ ଧାନ ଅମଳ ପରେ ଏହାର ଅଭାବୀ ବିକ୍ରି ଦେଖାଦେଇଛି। ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀମାନେ ହଇରାଣ ହୋଇ ବେପାରୀଙ୍କୁ କମ୍ ଦରରେ ଧାନ ବିକିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ଚାଷୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏ ଯାବତ୍ ସରକାରୀ ମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇ ନାହିଁ। ଏହାର ପ୍ରତିବାଦରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ବାଲେଶ୍ୱର ସଦର ବ୍ଲକରେ କସିପଦା, ଆଙ୍କୋ, ରୂପ୍‌ସା, ହଳଦୀପଦା, ଶ୍ରୀରାମପୁର, ରସଲପୁର ସମେତ ବସ୍ତା ବ୍ଲକର ଗଡ଼ପଦା, ରାଉତପନା ପଞ୍ଚାୟତରେ ଚାଷୀମାନେ ଡାଲୁଅଧାନ ଅମଳ କରି ଏହାକୁ ବିକିବାକୁ ଚାହିଁ ବସିଛନ୍ତି। ସରକାରୀସ୍ତରରେ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଥିବାବେଳେ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ବାହାର ଅଞ୍ଚଳର ବେପାରୀ ଓ ଦଲାଲଙ୍କୁ ୧ହଜାର ଟଙ୍କାରେ ବିକିବାକୁ ବାଧ ହେଉଥିବା କହିଛନ୍ତି। ଫନୀ ବାତ୍ୟା ବିପର୍ଯ୍ୟରେ ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଧାନର ଅଭାବୀ ବିକ୍ରି ବେଡି ଉପରେ କୋରଡା ମାଡ ଭଳି ହୋଇଛି। ଗଡ଼ପଦା ପଞ୍ଚାୟତର ଚାଷୀ ଅକ୍ଷୟ ବାରିକ କହିଛନ୍ତି, ଧାନ ବିକ୍ରି କରି ଖର୍ଚ୍ଚ ତୁଲାଇବାକୁ ଅପେକ୍ଷା କରିଥିବା ଚାଷୀଙ୍କ ସମସ୍ୟା ଏବେ ବଳି ପଡିଛି। ଡଲୁଅ ଧାନ ସଂଗ୍ରହ ଦିଗରେ ସରକାରୀସ୍ତରରେ ବିଳମ୍ବ କରାଯିବା ଏକ ବିଡମ୍ବନା। ରାଉତପଡ଼ା ସମିତିର ନିର୍ଦ୍ଦେଶକ ତଥା ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର କହିଛନ୍ତି, ଏଥର ରବିଋତୁରେ ପ୍ରତିକୂଳ ପାଗ ସତ୍ତ୍ୱେ ଚାଷୀ ବହୁ କଷ୍ଟରେ ଧାନ ଅମଳ କରିଛନ୍ତି। ସରକାରୀ, ବେସରକାରୀ ସଂସ୍ଥାରୁ ସେମାନେ ଋଣ କରି ଧାନ ଚାଷ କରିଥିଲେ। ବର୍ତ୍ତମାନ ଡାଲୁଅ ଧାନର ଅଭାବୀ ବିକ୍ରି ଚିନ୍ତାର ବିଷୟ ହୋଇଛି। ଏସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଆର୍‌ଏନ୍ ପୃଷ୍ଟିଙ୍କୁ ପଚାରିବାରୁ କହିଛନ୍ତି, ଚଳିତ ମାସ ୨୯ ତାରିଖଠାରୁ ବିଭିନ୍ନ ସମିତିରେ ମଣ୍ଡି ଖୋଲି ଧାନ କିଣାଯିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ କେତେକ ସ୍ଥାନରେ ମଣ୍ଡି ଖୋଲାଯାଇ ଧାନ କିଣା ଆରମ୍ଭ ହୋଇଛି। ଅନ୍ୟ ସମସ୍ତ ସମିତିରେ ପର୍ଯ୍ୟାୟକ୍ରମେ ମଣ୍ଡି ଖୋଲାଯିବ ବୋଲି ସେ କହିଛନ୍ତି।

# ଜିଆର୍‌ଏସ୍‌ଙ୍କୁ ମରଣାନ୍ତକ ଆକ୍ରମଣ

**ବାସୁଦେବପୁର, ୨୯।୫(ଡି.ଏନ୍.ଏ.)**


ଆହତ ଜିଆର୍‌ଏସ୍‌ଙ୍କୁ ଚିକିତ୍ସା କରାଯାଉଛି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ଜିଆର୍‌ଏସ୍(ଗ୍ରାମରୋଜଗାର ସେବକ) ଲମ୍ବୋଦର ଦାସଙ୍କୁ ମଙ୍ଗଳବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଗୁରୁତର ଆହତ ଜିଆର୍‌ଏସ୍ କିଆପଡ଼ା ଗ୍ରାମର ଲମ୍ବୋଦର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ଲମ୍ବୋଦରଙ୍କର ପଡ଼ୋଶୀ ଦମ୍ପତିଙ୍କ ସହ ବିବାଦ ଥିଲା। ଯୋଜନାବଦ୍ଧ ଭାବେ ଏହି ଦମ୍ପତି ମଙ୍ଗଳବାର ରାତିରେ ଲମ୍ବୋଦରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଲମ୍ବୋଦରଙ୍କ ମୁଣ୍ଡ, ହାତ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଗ୍ରାମବାସୀ ଆକ୍ରମଣକାରୀ ଦମ୍ପତିଙ୍କୁ ଏକ ଘରେ ପୂରାଇ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ଦମ୍ପତିଙ୍କୁ ଉଦ୍ଧାର କରିଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ମୃତଚାଷୀଙ୍କ ପରିବାରକୁ ମିଳିଲା ସହାୟତା

**ଖଇରା,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ସେବା ସମବାୟ ସମିତିଅଧୀନ ଅରଖପୁର ଗ୍ରାମରେ ବଜ୍ରପାତ ଯୋଗୁଁ ଚାଷୀ ବୁଦ୍ଧିରାମ ଜେନା ପ୍ରାଣ ହରାଇଥିଲେ। ତାଙ୍କମୃତ୍ୟୁରେ ପରିବାରବର୍ଗ ଅସହାୟ ହୋଇପଡିଥିଲେ। ଏହିଅବସରରେ ମୃତ ଚାଷୀଙ୍କ ପରିବାରକୁ ବୁଧବାର ସମିତି ପକ୍ଷରୁ ୫ ଲକ୍ଷ ଟଙ୍କାର ବୀମା ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ସମିତି ସଭାପତି ଭୀଷ୍ମ ଚରଣ ନାୟକଙ୍କ ପୌରୋହିତ୍ୟରେ ଏକ ସଭା କରାଯାଇଥିଲା। ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଖଇରା ଶାଖାର ପରିଚାଳକ ସଞ୍ଜୟ କୁମାର ମହାନ୍ତି, ସମବାୟବିତ୍ ଶରତ ଚନ୍ଦ୍ର ରାଉତ, ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ ଚାଷୀ ୧୭୦ଟଙ୍କାର ବାର୍ଷିକ ପ୍ରମିୟମ୍ ଦେଇ ୫ଲକ୍ଷ ଟଙ୍କାର ବୀମା ସୁବିଧା ନେବାକୁ ଅତିଥିମାନେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ମୃତ ଚାଷୀଙ୍କ ପତ୍ନୀ ହେମଲତା ଜେନାଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ବୈଠକରେ ପରିଚାଳନା ବୋର୍ଡ଼ର ସଭ୍ୟ ଜୟଦେବ ଘଡ଼ାଇ, ରାଜେଶ କୁମାର ମହାନ୍ତି, କମଳାମଣି ବିଶ୍ୱାଳ, ନକୁଳ ଚନ୍ଦ୍ର ନାୟକ, ସୁଶାନ୍ତ କୁମାର ଦାସ, ଫକିରୁଦ୍ଦିନ ଖାଁ, ରବୀନ୍ଦ୍ରନାଥ ଲେଙ୍କା, ଉପସଭାପତି ସତ୍ୟଭାମା ଜେନା, ସୁନିଲ କୁମାର ଘଡାଇ, ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ମୃତଚାଷୀଙ୍କ ପତ୍ନୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ରେମୁଣା,୨୯।୫(ଡି.ଏନ.ଏ.)**

ସ୍ଥାନୀୟ ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁର ଅଞ୍ଚଳରେ ଏକ ବିବାହ ଉତ୍ସବରେ ବାସନ ମାଜିବାକୁ ଆସିଥିବା ଜଣେ ମହିଳା ବିଦ୍ୟୁତ୍ ଆଘାତ ପାଇ ମୃତ୍ୟୁବରଣ କରିଛନ୍ତି। ଗତ ୨୬ ତାରିଖ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଦ୍ୟୁତ୍ ଆଘାତ ପାଇବା ପରେ ଶୋଭାରାମପୁରର ଲିଲି ମାରାଣ୍ଡି ନାମ୍ନୀ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଦନ୍ତ ପରେ ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

# କକାଙ୍କୁ ମରଣାନ୍ତକ ଆକ୍ରମଣ କରି ୨ ପୁତୁରା ଗିରଫ

**ରୂପ୍‌ସା,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଖେଦିରିପୁର ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ନିଜର କକାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ତାଙ୍କର ଦୁଇ ପୁତୁରା ପ୍ରଶାନ୍ତ ନାୟକ ଓ ଜୟନ୍ତ ନାୟକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୬୪/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ ଜମିଜମା ବିବାଦକୁ ନେଇ ଅଭିଯୁକ୍ତ ଦୁଇ ଭାଇ ତାଙ୍କ କକା ଦାମୋଦର ନାୟକଙ୍କୁ ଆକ୍ରମଣ କରିଥିଲେ। ସେମାନେ ଲୁହାରଡ଼ ଓ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପିଟିଦେବାରୁ ଦାମୋଦର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ନିଆଁରେ ପୋଡ଼ିହୋଇ ନାବାଳିକା ଗୁରୁତର

**ସଜନାଗଡ଼,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାଗୁଡ଼ିଆ ପଞ୍ଚାୟତ ଗୋଡ଼ିଶୂଳ ଗ୍ରାମରେ ପ୍ରତିମା ନାମ୍ନୀ ଜଣେ ୫ବର୍ଷର ନାବାଳିକା ବୁଧବାର ନିଆଁରେ ପୋଡ଼ି ହୋଇ ନୀଳଗିରି ମେଡ଼ିକାଲରେ ଚିକିତ୍ସାଧୀନ ରହିଛନ୍ତି। ପ୍ରତିମା ଖେଳୁଥିବା ବେଳେ ତାଙ୍କ ଘର ନିକଟରେ ରଖାଯାଇଥିବା ପତ୍ରରେ ନିଆଁ ଲାଗି ଯାଇଥିଲା। ସେତେବେଳ ଅସାବଧାନତା ବଶତଃ ସେ ପିନ୍ଧି ଥିବା ପୋଷାକରେ ନିଆଁ ଲାଗି ଜଳି ଉଠିଥିଲା। ତାଙ୍କ ଚିତ୍କାର ଶୁଣି ମା' ଓ ପରିବାର ଲୋକେ ଆସି ନିଆଁକୁ ଲିଭାଇ ତାଙ୍କୁ ଉଦ୍ଧାର କରିଥିଲେ।

# ସ୍ମାର୍ଟ କ୍ଲାସ୍ ରୁମ୍ ଓ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ


ନୂତନ କ୍ଲାସରୁମ୍ ପାଇଁ ଭୂମି ପୂଜନ କରାଯାଉଛି।

**ବାହାନଗା,୨୯।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ''ମୋ ସ୍କୁଲ ଅଭିଯାନ'' ପକ୍ଷରୁ ସ୍ମାର୍ଟ କ୍ଲାସରୁମ୍ ସହିତ ପ୍ୟାଣ୍ଡେଲ ଓ ଏକ ଗର୍ଲସ୍ କମନ୍ ରୁମ୍, ଲାଇବ୍ରେରି ରୁମ୍ ନିର୍ମାଣ ଆଦି ଭିତ୍ତିଭୂମି ବିକାଶ ଲାଗି ଶିକ୍ଷା ବିଭାଗ ପକ୍ଷରୁ ୬୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବିଦ୍ୟାଳୟ ତରଫରୁ ବୁଧବାର ପ୍ରକଳ୍ପ କାର୍ଯ୍ୟ ଲାଗି ଭୂମିପୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ମାନସ କୁମାର ପଣ୍ଡା ଓ ଅରୁଣିମା ମହାପାତ୍ର କର୍ତ୍ତାଭାବେ କାର୍ଯ୍ୟ ତୁଲାଇ ଥିଲେ। ବାହାନଗା ବ୍ଲକ ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ଉମାକାନ୍ତ ଦାସ, ବାହାନଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାସ ରଞ୍ଜନ ନାୟକ, ଏସ୍‌ଏମ୍‌ସିର ସଭାପତି ଅଭିରାମ ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ଓ କର୍ମକର୍ତ୍ତା ସୁଦର୍ଶନ ମହାପାତ୍ର, ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ଦିବାକର ସାହୁ, ପଦ୍ମଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦ ତରଫରୁ ଦୀର୍ଘଦିନର ଦାବି ପରେ ପ୍ରଶାସନ ଓ ରାଜ୍ୟସରକାରଏହି ପ୍ରକଳ୍ପ ଲାଗି ୨୦୧୮-୨୦୧୯ ଆର୍ଥିକ ବର୍ଷରେ ମୋ ସ୍କୁଲ ଅଭିଯାନରେ ୬୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। ଏଭଳି ପ୍ରକଳ୍ପ କାର୍ଯ୍ୟ ହେବାରେ ବାହାନଗା ବ୍ଲକ ପ୍ରଥମ ବୋଲି କୁହାଯାଉଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ